Bhubaneswar- 22 June 2026
ଭୁବନେଶ୍ୱର- ୨୨ ଜୁନ୍ ୨୦୨୬
Vol- 1 Issue - 56
ଭାଗ- ୧ ସଂଖ୍ୟା- ୫୬
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୨୯୨୨୦୧୦୦୭

### ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଯୋଗାଭ୍ୟାସ

# ଯୋଗ ଏକ ପୂର୍ଣ୍ଣାଙ୍ଗ ଜୀବନ ଦର୍ଶନ



**ଭୁବନେଶ୍ୱର:** ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗକୁ ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଭାବେ ଅଭିହିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ। ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ। ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଜଟଣିର ବିଂଝଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି। ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି। କଲିକତାରୁ ପ୍ରସାରିତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଲାଇଭ୍ ଯୋଗ କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମୁଖ୍ୟମନ୍ତ୍ରୀ ନିଜେ ଷ୍ଟାଡିୟମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଯୋଗ ପ୍ରେମୀମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଥିଲେ ।

### ଆମେରିକାରେ ପୁଣି ଅଦିନରେ ରଥଟଣା

## ଲୁହା ରଥରେ ମହାପ୍ରଭୁଙ୍କୁ ବସାଇଲା ଇସ୍କନ



**ଭୁବନେଶ୍ୱର:** ଚରମରେ ପହଞ୍ଚିଲାଣି ଇସ୍କନ୍ ମନମାନୀ। ପୁଣି ଆମେରିକାରେ ଅଦିନରେ ରଥ ଗଡ଼ାଇଲା ଇସ୍କନ । ଭଙ୍ଗା ରଥରେ ବିଶ୍ୱନିୟନ୍ତା। ରଥ ନୁହେଁ ତ ଲୁହାର ଟ୍ରଲି। ଚକାଠୁ ବେସ୍ ପର୍ଯ୍ୟନ୍ତ ସବୁକିଛି ଲୁହାରେ ତିଆରି। ଆଉ ତା ଉପରେ କପଡ଼ା ଗୁଡ଼ାଇ ଦେଇ, ଭଙ୍ଗା ଦଧିନଉତି ଥୋଇ, ଜଗତର ନାଥଙ୍କୁ ଅପମାନିତ କରି ଟାଣିଚାଲିଛି ଇସ୍କନ୍। ଧର୍ମଦ୍ରୋହୀ ଇସ୍କନର ଆଉ ଏକ ବିଧର୍ମୀ ରୂପ ଦେଖିବାକୁ ମିଳିଛି ପୁଣି ସେଇ ଆମେରିକାରେ। ଗତକାଲି ହାରିସବର୍ଗରେ ଏମିତି ଢଙ୍ଗରେ ଅଦିନିଆ ରଥଯାତ୍ରା କରିଥିଲା ଇସ୍କନ୍। ପୂର୍ବରୁ ଚିଠି ଲେଖି ପ୍ରବାସୀ ଓଡ଼ିଆ ବିରୋଧ କରିଥିଲେ ବି ଭୃକ୍ଷେପ କଲାନି। ବିଦେଶୀ ଭକ୍ତଙ୍କୁ ଧରି ଜଗନ୍ନାଥ ସଂସ୍କୃତି ସହିତ ଖେଳିଲା। ଏପଟେ ଆଜି ଚିକାଗୋରେ ସମାନ ଭାବେ ରଥଯାତ୍ରା ଆୟୋଜନ କରାଯାଉଛି। ସେଠାକାର ପ୍ରବାସୀ ଓଡ଼ିଆ ଏଥିରୁ କ୍ଷାନ୍ତ ରହିବାକୁ ଅନୁରୋଧ କରିଥିଲେ ବି ଇସ୍କନ ଖାତିର କରୁନି। ପୂର୍ବରୁ ଜୁନ୍ ୭ ତାରିଖରେ ଅତିଥିରେ ସ୍ନାନ ଯାତ୍ରା ମଧ୍ୟ ପାଳନ କରିଥିଲା ଅମାନିଆ ଇସ୍କନ୍। ଯାହାକୁ ନେଇ କୋଟି କୋଟି ଜଗନ୍ନାଥପ୍ରେମୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଗନ୍ନାଥ ସଂସ୍କୃତିର ଧଜ୍ଜିଆ ଉଡ଼ାଇବାକୁ ଇସ୍କନ୍ ତିଆରି କରିଛି ଲମ୍ବା ତାଲିକା। ନଜର ପକାନ୍ତୁ ବିଦେଶରେ ଇସ୍କନର ଅଦିନିଆ ସ୍ନାନ ଓ ରଥଯାତ୍ରା ଲିଷ୍ଟ ଉପରେ। ଆଗାମୀ ଦିନରେ ଇଂଲଣ୍ଡଠୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ମାଳମାଳ ଅଦିନିଆ ରଥଯାତ୍ରା କରିବାକୁ ହୋଇଛି ପ୍ଲାନିଂ । ଏପରିକି ଅଗଷ୍ଟ ଓ ଅକ୍ଟୋବର ମାସରେ ବି ରଥଯାତ୍ରା କରିବାକୁ ଧାର୍ଯ୍ୟ ହୋଇଛି । ଏଇ ମାସର ବଳକା ୯ ଦିନରେ ଆହୁରି ୧୧ଟି ସ୍ଥାନରେ ରଥଯାତ୍ରା ହେବାକୁ ଥିବାବେଳେ ଜୁଲାଇରେ ୨୬, ଅଗଷ୍ଟରେ ୧୮, ସେପ୍ଟେମ୍ବରରେ ୩ ଓ ଅକ୍ଟୋବରରେ ଇଂଲଣ୍ଡର ଗୋଟିଏ ଜାଗାରେ ରଥ ଗଡ଼ାଇବ ଇସ୍କନ । ବର୍ଷସାରାର ହିସାବ ଦେଖିଲେ ବିଦେଶରେ ମୋଟ ୯୦ଟି ଅଦିନିଆ ରଥ ଓ ସ୍ନାନଯାତ୍ରା କରାଯାଉଛି। ଲଗାତାର ଇସ୍କନର ବିଧର୍ମୀ ଆଚରଣ ଓ ଜଗନ୍ନାଥ ବିରୋଧୀ ମନୋଭାବକୁ ନେଇ ଖପ୍ପା ହେଲେଣି ଭକ୍ତ ଓ ସେବାୟତ ମହଲ।

## ନିଶାଖୋର ପୁଅ ପାଇଁ ଜୀବନ ହାରିଲେ ବାପା ମାଆ ! ପୁଅ ଅଟକ

**ପୁରୀ:** ଫାଦର୍ସ ଡେ’ରେ ବଡ଼ ଅଘଟଣ । ନିଶାଖୋର ପୁଅ ପାଇଁ ଜୀବନ ହାରିଲେ ବାପା ମାଆ । ଘର ଭିତରେ ପଙ୍ଖାରେ ଝୁଲି ପଡ଼ିଲେ ଦମ୍ପତି । ମୃତ ଦମ୍ପତି ପୁରୀ ଜିଲ୍ଲା ତାଳବଣିଆ ଥାନା ସେନାପତି ବଗିଚାର ଅନାମ ମିଶ୍ର ଏବଂ ସଂଗୀତା ମିଶ୍ର । ଅନ୍ୟପଟେ ନିଶା ସେବନ କରିବା ସହ ବାପାମାଆଙ୍କ ଉପରେ ରାଗି ଯାଆନ୍ତି ବୋଲି ସ୍ୱିକାର କରିଛନ୍ତି ପୁଅ । କିନ୍ତୁ ଏଥିପାଇଁ ମୃତ୍ୟୁ ହୋଇଥିବା କଥାକୁ ସମ୍ପୂର୍ଣ୍ଣ ଅସ୍ୱିକାର କରିଛନ୍ତି । ଗତକାଲି ରାତିରେ ପୁଅ ଅନୁସଙ୍ଗୀତ ମିଶ୍ରଙ୍କୁ ଖାଇବାକୁ ଦେଇଥିଲେ ସଙ୍ଗୀତା । ପରେ ସୋଇବାକୁ ଯାଇଥିଲେ । ସକାଳେ ଉଭୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଁ ପୁରୀ ସଦର ଥାନାକୁ ଖବର ଦେଇଥିଲେ ପୁଅ ଅନୁସଙ୍ଗୀତ । ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ କରାଇବା ପରେ ସ୍ୱର୍ଗଦ୍ୱାରରେ ଶବଦାହ କରାଯାଇଛି ।ଅନୁସଙ୍ଗୀତ ଜଣେ ବି-ଟେକ୍ ଛାତ୍ର । ୨୧ ଥର ଚାକିରି ବଦଳାଇଛନ୍ତି । ତାଙ୍କ ନିଶା ସେବନକୁ ନେଇ ସଦାବେଳେ ପରିବାର ମଧ୍ୟରେ ଅଶାନ୍ତି ଲାଗିରହୁଥିଲା । ବାପାଙ୍କ ମୋବାଇଲରୁ କକେଇଙ୍କ ପାଖକୁ ଥ୍ୟାଙ୍କ୍ ୟୁ ମେସେଜ୍ ପଠାଇଥିଲେ । ଘଟଣାକୁ ନେଇ ଛାନଭିନ୍ ଜାରି ରଖିବା ସହ ମୃତକଙ୍କ ମୋବାଇଲ ମଧ୍ୟ ଯାଞ୍ଚ କରୁଛି ତାଳବଣିଆ ଥାନା ପୋଲିସ । ପୁଅକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ପୋଲିସ ।

## ଟ୍ରକ୍‌କୁ ପିଟିଲା ମିନିଟ୍ରକ୍: ଜଣେ ମୃତ

**ସୋନପୁର:** ବିନିକା-ସୋନପୁର ମୁଖ୍ୟ ରାସ୍ତାର ବିନିକା ଥାନା ଜାମଛାପର ପାଖରେ ଟ୍ରକ୍ କୁ ପିଟିଲା ମିନି ଟ୍ରକ। ଟ୍ରକ୍ ଚାଳକମୃତ। ଗତକାଲି ବିଳମ୍ବିତ ରାତ୍ରୀରେ ଟ୍ରକ ନମ୍ବର ଟିଏସ ୨୯ ଟିବି୨୩୯୧ ଜାମଛାପର ଛକରେ ଠିଆ ହୋଇଥିବା ବେଳେ ବିନିକା ପଟରୁ ସୋନପୁର ଆଡକୁ ଯାଉଥିବା ଟ୍ରାକ୍ଟର ବୋଝେଇ ମିନି ଟ୍ରକ୍ ନମ୍ବର ଏପି ୩୧ଡ଼ବ୍ଲ୍ୟୁଜେ ୦୨୯୬ ସିଧାସଳଖ ଟ୍ରକ୍ କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ମିନି ଟ୍ରକ ଡ୍ରାଇଭର୍ କୁ ଉଦ୍ଧାର କରି ବିନିକା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଖାନାରେ ଡାକ୍ତର ଡ୍ରାଇଭରଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମିନିଟ୍ରକ୍ ଅନ୍ୟରାଜ୍ୟର ହୋଇ ଥିବାରୁ ଡ୍ରାଇଭର୍ ଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ତଦନ୍ତ କରୁଛି। ଗାଡ଼ି ଦ୍ୱୟକୁ ଜବ୍ଦ କରିବା ସହ ମୃତଦେହକୁ ଜବତ କରିଛି ପୁଲିସ। ଏ ପର୍ଯ୍ୟନ୍ତ ବିନିକା ଥାନାରେ ଲିଖିତ ଅଭିଯୋଗ ହୋଇନଥିବାରୁ ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।

### ତାମିଲନାଡୁ ଗ୍ୟାସ ଟ୍ରାଜେଡି

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ତାମିଲନାଡୁର ତିରୁଭଲ୍ଲୁର ଜିଲାରେ ରବିବାର ଏକ ସି-ଫୁଡ (ସାମୁଦ୍ରିକ ଖାଦ୍ୟ) ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ ଲିକ୍ ହେବା ଯୋଗୁ ୭ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୬ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହା ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏପରିକି ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ତିରୁଭଲ୍ଲୁର ଯାତ୍ରା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକ ଏବଂ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ କୁହାଯାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ୩ ଜଣିଆ ବିଶେଷ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ଶିଳ୍ପ ସୁରକ୍ଷା ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସାମିଲ ଅଛନ୍ତି। କମିଟିକୁ ୨୪ ଘଣ୍ଟା ମଧ୍ୟରେ ଅନ୍ତରୀଣ ରିପୋର୍ଟ ଏବଂ ୩ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

## ନୂଆପଡ଼ାରେ ସକାଳୁଆ ସ୍କୁଲ ଅବଧି ବଢ଼ିଲା

**ନୂଆପଡ଼ା:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲ୍ଲାରେ ସକାଳୁଆ ସ୍କୁଲ ଅବଧିକୁ ବୃଦ୍ଧି କରାଯାଇଛି। ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସକାଳୁଆ ସ୍କୁଲ ହେବ। ନୂଆପଡ଼ା ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଦେଇଛି। ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମଛୁଟି ଶେଷ ହେବା ପରେ୨ ଜୁନ୍ ୧୮ ତାରିଖରେ ରାଜ୍ୟରେ ସ୍କୁଲଗୁଡ଼ିକ ଖୋଲିଥିଲା। ହେଲେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର, ଅନୁଗୋଳ, ଗଞ୍ଜାମ ଓ ଦେବଗଡ଼ ଭଳି କିଛି ଜିଲ୍ଲା ଗ୍ରୀଷ୍ମଛୁଟିକୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଅନ୍ୟପକ୍ଷରେ ନୂଆପଡ଼ା ଓ ବଲାଙ୍ଗିର ଭଳି କିଛି ଜିଲ୍ଲା ଜୁନ୍ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ସକାଳୁଆ କରିବାକୁ ଘୋଷଣା କରିଥିଲେ। ଆଉ ଆଜି ନୂଆପଡ଼ା ଜିଲ୍ଲାପାଳ ସକାଳୁଆ ସ୍କୁଲ ଅବଧିକୁ ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି।

### ରଥ ନିର୍ମାଣର ୬୨ ତମ ଦିବସ

# ତିନିରଥର ବଡକଳସ ପେଣ୍ଡୀରେ ପାପକାର୍ଯ୍ୟ ଓ ୩୨ ଗୋଟି ପାଖୁଡ଼ା ନିର୍ମାଣ କାର୍ଯ୍ୟ ଶେଷ



### ବେଦୀ ଚାରି ପାର୍ଶ୍ୱରେ ପଟାବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ
### ଚାଲିଛି ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ

**ପୁରୀ:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ। ଏଥିପାଇଁ ଚଳଚଞ୍ଚଳ ରଥଖଳା। ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ । ରବିବାର ରଥ ନିର୍ମାଣର ୬୨ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରବିବାର ତିନିରଥର ବଡକଳସ ପେଣ୍ଡୀରେ ପାପକାର୍ଯ୍ୟ ଓ ୩୨ ଗୋଟି ପାଖୁଡ଼ା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।ଶନିବାର ସୁଦ୍ଧା ତିନିରଥର ପୋଟଳ ପାରାଭାଡ଼ି ସମେତ ସମସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଥିଲା। ତିନିରଥର ଦୁଆର ବେଢ଼ା ପ୍ରସ୍ତୁତ ପାଇଁ ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସାଥି ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ୧୨ ଗୋଟି ଦୁଆର ବେଢ଼ା ମଧ୍ୟରୁ ତିନିରଥର ଦୁଇଟି ଲେଖାଏଁ ଦୁଆର ବେଢ଼ା ଶେଷ ହୋଇଛି। ରବିବାର ତିନିରଥର ଚାରି କୋଣକୁ ଛାଡ଼ି ବେଦୀ ଚାରି ପାର୍ଶ୍ୱରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥକୁ ୧୩ ପରାସ୍ତ ପୋଟଳ ଉଠି, ତିନିରଥର ଚାରିଟି ଲେଖାଏଁ ଦୁଆର ବେଢ଼ା ରଥକୁ ଉଠିବା ପରେ ଖାଲି ଥିବା ତିନିରଥର ଚାରି କୋଣରେ ପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ତିନିରଥର ବଡ କଳସ ପେଣ୍ଡୀରେ ପାପ କାର୍ଯ୍ୟ ଶେଷ ହେବାସହ ଶେଷ ହୋଇଛି ୩୨ ଗୋଟି ପାଖୁଡ଼ାର ନିର୍ମାଣ କାର୍ଯ୍ୟ। ରୂପକାର ସେବକ ମାନେ ତିନିରଥର ୨୪ ଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରିବା ପରେ ବାକି ୧୨ ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରୀ ରଖିବା ସହ ଶେଷ ହୋଇଥିବା କନ୍ଦର୍ପ ରୂପ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ପୋଟଳ କଣ୍ଟା ଯୋଗାଇବା ପରେ ତିନିରଥର କଳସ କଣ୍ଟା,ଦୁଆର ବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ତିନିରଥର ଜଏଣ୍ଟ ସ୍ଥାନରେ ଏଲ କ୍ଲାମ୍ପ, ଇଉ କ୍ଲାମ୍ପ ବାଡ଼ିଆ କାର୍ଯ୍ୟଜାରୀ ରଖିଛନ୍ତି। ଚିତ୍ରକାର ମାନେ ତିନିରଥର ପୋଟଳ ପାରାଭାଡ଼ି ରେ ରଙ୍ଗ କାର୍ଯ୍ୟ ଶେଷ କରିବା ସହ ତିନି ରଥର ପାର୍ଶ୍ୱ ଦେବ ଦେବୀ ମାନଙ୍କ ପ୍ରତିମାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ହଂସ ପଟା, ଶିଖର ଡମ୍ବରୁ, ଅଁଳା, ଓଲଟ ଶୁଆ ଏବଂ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ତିନିରଥର ସମ୍ମୁଖ ଭାଗ ଚକ ଗୁଡ଼ିକର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱ ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍ ମାନ ନଟ ବୋଲ୍ଟ ଦେଇ ମହାରଣା ସେବକ ମାନେ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥଯାତ୍ରା ରେ ମହାପ୍ରଭୁଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀରଖିଛନ୍ତି। ତିନିରଥ ର ମହାରଣା ସେବକ ୭୭ଜଣ , ଭୋଇ ସେବକ ୭୪ଜଣ ,ରୂପକାର ସେବକ ୨୧ଜଣ ,କରତୀ ସେବକ ୪ଜଣ ,ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୨୫ଜଣ ,ରଥଖଳା ସହାୟକ ୧ଜଣ ମୋଟ ୨୨୬ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ଭକ୍ତି ଓ ଶ୍ରଦ୍ଧାର ସହ ନିମଗ୍ନ ରହିଛନ୍ତି ।

# ଚଳନ୍ତା ଟ୍ରେନ୍‌ରେ ପ୍ରସବ କଲେ ମହିଳା

### ■ ଜନ୍ମ ଦେଲେ ଶିଶୁ ସନ୍ତାନ

**ରାଉରକେଲା:** ଚଳନ୍ତା ଟ୍ରେନ ବଗିରେ ସନ୍ତାନ ଜନ୍ମ ଦେଲେ ମହିଳା। ରେଳବାଇ ସୁରକ୍ଷା ବଳ ( ଆରପିଏଫ୍) ର ତତ୍ପରତା ଯୋଗୁଁ ଜଣେ ଗର୍ଭବତୀ ମହିଳା ଓ ତାଙ୍କର ଯାଆଁଳା ନବଜାତ ଶିଶୁଙ୍କ ଜୀବନ ରକ୍ଷା ପାଇଛି। ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍‌ର ଜେନେରାଲ ବଗିରେ ଜଣେ ମହିଳା ପ୍ରସବ ବେଦନାରେ ଛଟପଟ ହେଉଥିବା କଟକ ଆରପିଏଫ୍ ମହିଳା ଟିମ୍ ସୂଚନା ପାଇଥିଲେ । ସକାଳ ୬ଟା ୫୩ରେ ଟ୍ରେନ୍ ଷ୍ଟେସନରେ ପହଞ୍ଚିବା କ୍ଷଣି ତୁରନ୍ତ ସେଠାରେ ପହଞ୍ଚିଥିଲେ ଆରପିଏଫ୍ ଟିମ୍ । ଆରପିଏଫ୍ ମହିଳା ଟିମ୍ ପହଞ୍ଚିବା ସମୟରେ ମହିଳା ଜଣକ ଟ୍ରେନ୍ ଭିତରେ ଏକ ଶିଶୁ ସନ୍ତାନକୁ ଜନ୍ମ ଦେଇସାରିଥିଲେ । ଗର୍ଭରେ ଯାଆଁଳା ଶିଶୁ ଥିବାରୁ ଦ୍ୱିତୀୟ ସନ୍ତାନ ପାଇଁ ତୀବ୍ର ବେଦନା ଅନୁଭବ କରୁଥିଲେ । ମହିଳାଙ୍କ ସୁରକ୍ଷା ଓ ଗୋପନୀୟତା ପାଇଁ ଆରପିଏଫ୍ ତୁରନ୍ତ ପ୍ଲାଟଫର୍ମର ସେହି ଅଂଶକୁ କପଡ଼ା ଦ୍ୱାରା ଘେରି ଦେଇଥିଲେ । ଷ୍ଟେସନରେ ମାଇକ୍ ଯୋଗେ ଘୋଷଣା କରାଯିବା ପରେ ଜଣେ ସହ-ଯାତ୍ରୀ ଫାର୍ମାସିଷ୍ଟ ଆଗକୁ ଆସି ମା’ ଓ ଶିଶୁର ପ୍ରାଥମିକ ଚିକିତ୍ସା କରିଥିଲେ । ଏହାପରେ ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ମେଡିକାଲ ଯିବା ରାସ୍ତାରେ ଆମ୍ବୁଲାନ୍ସ ଭିତରେ ହିଁ ସାଙ୍ଗରେ ଯାଇଥିବା ଆରପିଏଫ୍ ମହିଳା କର୍ମଚାରୀଙ୍କ ସହାୟତାରେ ମହିଳା ଜଣକ ଦ୍ୱିତୀୟ ସନ୍ତାନକୁ ସଫଳତାର ସହ ପ୍ରସବ କରିଥିଲେ । ଏହି ଜରୁରୀକାଳୀନ ମାନବିକ ସହାୟତା ପାଇଁ ଟ୍ରେନ୍‌ଟି କଟକ ଷ୍ଟେସନରେ ସକାଳ ୭ଟା ରୁ ୭ଟା ୧୫ ପର୍ଯ୍ୟନ୍ତ ପ୍ରାୟ ୧୫ ମିନିଟ୍ ଅଟକି ରହିଥିଲା । ଆରପିଏଫ୍‌ର ଏଭଳି ପ୍ରଶଂସନୀୟ ଓ ସମ୍ବେଦନଶୀଳ କାର୍ଯ୍ୟକୁ ରେଳଯାତ୍ରୀ ଏବଂ ସାଧାରଣ ଜନତା ଉଚ୍ଚ ପ୍ରଶଂସା କରିଛନ୍ତି । କଟକ ରେଳ ଷ୍ଟେସନରେ ରେଳ ସୁରକ୍ଷା ବଳ ପକ୍ଷରୁ ମାନବିକତା ଓ ତତ୍ପରତାର ଏକ ଉଦାହରଣ ସୃଷ୍ଟି ହୋଇଛି । ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ (୧୮୧୧୭)ରେ ଯାତ୍ରା କରୁଥିବା ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ ବେଦନା ଆରମ୍ଭ ହେବା ପରେ ଆରପିଏଫ୍ କର୍ମଚାରୀମାନେ ତୁରନ୍ତ ସହାୟତା ପ୍ରଦାନ କରି ମା’ ଓ ଦୁଇ ନବଜାତ ଶିଶୁଙ୍କ ଜୀବନ ରକ୍ଷା କରିବାକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି ।

### ବୈଭବଙ୍କ ବିଶ୍ୱରେକର୍ଡ଼

# ୧୧ ବଲରେ ଅର୍ଦ୍ଧଶତକ ହାସଲ

### ଭାଙ୍ଗିଲେ ୨୦ ବର୍ଷର ପୁରୁଣା ବିଶ୍ୱରେକର୍ଡ଼



**ନୂଆଦିଲ୍ଲୀ:** ଆଇପିଏଲ ପରେ ବ୍ୟାଟ୍ ଶାନ୍ତ ଥିଲା । ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ । ଟିମ୍ ଇଣ୍ଡିଆରେ ସ୍ଥାନ ମିଳିବା ଉପରେ ପ୍ରଶ୍ନ ଉଠିଥିଲା । କିନ୍ତୁ ଏବେ ଗର୍ଜିଛି ବିସ୍ମୟ ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍ । ଭାରତ ଏ ବନାମ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯାଉଥିବା ଟ୍ରାଇ ସିରିଜ୍ ଫାଇନାଲରେ ବୈଭବ ବିସ୍ଫୋରଣ ଦେଖିବାକୁ ମିଳିଛି । ଲିଷ୍ଟ ଏ କ୍ରିକେଟରେ ବିଶ୍ୱ ରେକର୍ଡ କରିଛନ୍ତି ୧୫ ବର୍ଷୀୟ ବୈଭବ । ୧୧ ବଲରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଛନ୍ତି । ୩୨୪ ଷ୍ଟ୍ରାଇକ ରେଟରେ ୨୯ ବଲରେ ୯୪ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି ବ୍ୟାଟିଂ ସେନ୍ସେସନ୍ ବୈଭବ । ଯେଉଁଥିରେ ୧୦ଟି ଚୌକା ଏବଂ ୮ଟି ଛକା ସାମିଲ । ଏହା ସହିତ ୨୦ ବର୍ଷର ରେକର୍ଡ ଭାଙ୍ଗିଛନ୍ତି । ଭାଙ୍ଗିଲା ୨୦ ବର୍ଷ ପୁରୁଣା ବିଶ୍ୱ ରେକର୍ଡ- ୧୫ ବର୍ଷୀୟ ବ୍ୟାଟର ବୈଭବ ମାତ୍ର ୧୧ ବଲ୍ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରି ଇତିହାସ ରଚିଛନ୍ତି । ସେ ତାଙ୍କର ୫ମ ଛକା ମାରି ୫୦ ରନ୍ ପୂରଣ କରିଛନ୍ତି, ଯାହା ଲିଷ୍ଟ ଏ କ୍ରିକେଟ୍ରେ ଦ୍ରୁତତମ ଅର୍ଦ୍ଧଶତକର ବିଶ୍ୱ ରେକର୍ଡ । ସେ ପ୍ରାୟ ୨୦ ବର୍ଷ ପୁରୁଣା ରେକର୍ଡକୁ ଅତିକ୍ରମ କରିଛନ୍ତି । ଏହି ଇନିଂସ ମଧ୍ୟ ବିଶେଷ ଥିଲା କାରଣ ବୈଭବ ସମଗ୍ର ସିରିଜରେ ସଂଘର୍ଷ କରୁଥିଲେ । ଫାଇନାଲରେ ତାଙ୍କର ପ୍ରଦର୍ଶନ ସମସ୍ତଙ୍କ ନଜରରେ ଥିଲା। ତଥାପି, ବୈଭବ ତାଙ୍କ ବ୍ୟାଟ୍ ସହିତ ସମାଲୋଚନାର ଜବାବ ଦେଇ, ବଡ଼ ମ୍ୟାଚ୍ରେ ଚାପକୁ କିପରି ସୁଯୋଗରେ ପରିଣତ କରାଯାଏ ତାହା ପ୍ରଦର୍ଶନ କରିଛନ୍ତି । ତାଙ୍କର ବିସ୍ଫୋରକ ଇନିଂସ ଭାରତ ଏ’କୁ ଏକ ଚମତ୍କାର ଆରମ୍ଭ ଦେଇଛି । ବୈଭବ ୨୯ ବଲ୍ରେ ୧୦ ଚୌକା ଏବଂ ୮ ଛକା ସହିତ ୯୪ ରନର ଏକ ଧମାକାଦାର ଇନିଂସ ଖେଳିଛନ୍ତି। ଶ୍ରୀଲଙ୍କାର କୌଶଲ୍ୟା ବୀରରନତ୍ନେଙ୍କ ଦ୍ୱାରା ନିର୍ମିତ ୨୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି । ସେ ୨୦୦୫ ମହିସାରେ କୁରୁନେଗୋଲା ଯୁବ କ୍ରିକେଟ୍ କ୍ଲବ ବିପକ୍ଷରେ ରାଗାମା କ୍ରିକେଟ କ୍ଲବ ପାଇଁ ଖେଳୁଥିଲେ। ମାତ୍ର ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ବୈଭବ ସର୍ଫରାଜ ଖାନଙ୍କ ଦ୍ୱାରା ହୋଇଥିବା ରେକର୍ଡକୁ ଭାଙ୍ଗିଛନ୍ତି। ବିଜୟ ହଜାରେ ଟ୍ରଫିର ଗତ ସିଜନରେ ସରଫରାଜ ମୁମ୍ବାଇ ପାଇଁ ପଞ୍ଜାବ ବିପକ୍ଷରେ ମାତ୍ର ୧୫ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ ।

## ସମ୍ପାଦକୀୟ


# ଆକ୍ସନ୍ ମୋଡ୍‌ରେ ଶୁଭେନ୍ଦୁ ସରକାର

ବାଙ୍ଗ୍‌ଲାଦେଶ ହେଉଛି ଆମର ପଡ଼ୋଶୀ । ଏଣୁ ସେମାନେ ଆମ ଦେଶରେ ରହିବାରେ ଅସୁବିଧା କେଉଁଠି ? ଅସୁବିଧା ଟିକିଏ ନୁହେଁ, ବହୁତ ରହିଛି ଅସୁବିଧା। ଏତେ ସବୁ ଅସୁବିଧା ରହିଛି, ଯାହାକୁ ବଖାଣିବସିଲେ ରାତି ପାହିଯିବ କିନ୍ତୁ ଅସୁବିଧା ତ ସରିବନି ବରଂ ଆହୁରି ବଢ଼ିଯିବ ଯାହାକୁ ଦୂରକରିବା ଏକପ୍ରକାର କଷ୍ଟସାଧ ବ୍ୟାପାର ହୋଇପଡ଼ିବ। କୌଣସି ବି ଦେଶରେ ତା'ର ପଡ଼ୋଶୀ ଦେଶର ଲୋକ ଯାଇ ରହିପାରିବେ। ଅନ୍ୟ ଦେଶର ଲୋକ ମଧ ରହିପାରିବେ। ଏଥିରେ ଆଶ୍ଚର୍ଯ୍ୟ ହେବାରେ ସେମିତି କିଛି ନାହିଁ। ଚିନ୍ତା କରିବାର ମଧ ସେମିତି କିଛି କାରଣ ନାହିଁ। ଯଦି ଆମେ ଅନ୍ଦାଜ ନୁହେଁ, ହିସାବ ଲଗାଇବା ତେବେ ଭାରତର ମୂଳଅଧିବାସୀ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସେମାନଙ୍କର ଡେରା ପକାଇଛନ୍ତି। ବେଶ୍ ଭଲରେ ଦିନ କାଟୁଛନ୍ତି ସେମାନେ ସେଠାରେ । ଭଲରେ ମାନେ ସିଟିଜେନ୍‌ସିପ୍ ଫାଇନାଲ୍। ଆମେରିକାରେ ବି ଭାରତୀୟ, ୟୁରୋପ୍‌ରେ ବି ଭାରତୀୟ, ଅଷ୍ଟ୍ରେଲିଆରେ ବି ଭାରତୀୟ ଏବଂ ଆଫ୍ରିକାରେ ବି ଭାରତୀୟ। ଆଉ କି ବାକି ରହିଲା। ଉତ୍ତର ଗୋଲାର୍ଦ୍ଧରୁ ନେଇ ଦକ୍ଷିଣ ଗୋଲାର୍ଦ୍ଧ ପର୍ଯ୍ୟନ୍ତ, ସବୁଆଡ଼େ ଭାରତୀୟ ।ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭାରତୀୟମାନେ କେତେ ପରିବ୍ୟାପ୍ତ, ଭାରତୀୟମାନେ କେତେ ସଂପ୍ରସାରିତ କାରଣ ଭାରତୀୟମାନେ ସେହିଭଳି ପ୍ରତିଭାସମ୍ପନ୍ନ ଏବଂ ସେହିଭଳି ପ୍ରତିରୋଧୀ କ୍ଷମତାସମ୍ପନ୍ନ ଯାହା ଭାରତୀୟ ସଂସ୍କୃତି ଏବଂ ଭାରତୀୟ ପରମ୍ପରାର ନିଦର୍ଶନ। ଯଦି ଭାରତୀୟମାନେ ଯାଇପାରୁଛନ୍ତି ଏବଂ ରହିପାରୁଛନ୍ତି ବିଶ୍ୱର କୌଣସି ବି ଦେଶରେ ଅନାୟାସରେ ତେବେ ସେମିତି ଅନ୍ୟ କୌଣସି ବି ଦେଶର ଲୋକ ଭାରତରେ ଆସି ରହିବାରେ କୌଣସି ଅସୁବିଧା ନାହିଁ। ହେଲେ ପାକିସ୍ତାନୀ ଏବଂ ବାଙ୍ଗ୍‌ଲାଦେଶୀଙ୍କ୍ ଭଳିକଛର ମିଆଁ ମୁସଲମାନ୍‌ଙ୍କ କଥା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । ବିକଶିତ ଭାରତର ନାରା ଦେଉଥିବା ଭାରତ ସରକାରଙ୍କ ପାଇଁ ବିଶେଷକରି ବାଂଲା ଅନୁପ୍ରବେଶକାରୀଙ୍କ୍ ପାଇଁ ଭାରତ ସରକାର ଏବେ ଚିନ୍ତାରେ। ତେବେ ବିକାଶର ନାରା ଦେଉଥିବା ଭାରତ ସରକାର ବାସ୍ତବରେ ଦେଶର ବିକାଶର ସ୍ଥିତି ସମୀକ୍ଷା କରିବା ଉଚିତ। କେବଳ ଯୋଜନା ପରେ ଯୋଜନା ତ ହୋଇଚାଲିଛି , ନାନା ନକ୍ସା ବି ତିଆରି ଚାଲିଛି , ପ୍ରୋଜେକ୍ଟ ପରେ ପ୍ରେଜେକ୍ଟରେ ଖର୍ଚ୍ଚ ହୋଇଚାଲିଛି ବିପୂଳ ଅର୍ଥ ହେଲେ ଯୋଜନା ଅନେକ ସମୟରେ ଅଟକିଯାଉଛି ସେହି ଯୋଜନାରେ । ଏ ସବୁ କହିବାର ଅର୍ଥ ହେଉଛି ପ୍ରକୃତ ଧାରାରେ ହୋଇପାରୁନି ବିକାଶ। କାରଣ ଭାରତ ଭଳି ବିଶାଳ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ୟା ରହିଛି ଅନେକ ହେଲେ ସମାଧାନ ପ୍ରକ୍ରିୟା କିନ୍ତୁ ଶିଥିଳ। ନାନା ସମସ୍ୟା ମଧ୍ୟରେ ଭିନ୍ନ ଏକ ଗୁରୁତର ସମସ୍ୟା ଏବେ ଉପୁଜିଛି ଅନୁପ୍ରବେଶ ସମସ୍ୟା। ଯାହାକୁ ନେଇ କେନ୍ଦ୍ର ସରକାର ଅତି କଠୋର ନୀତି ଆପଣାଇଛନ୍ତି । ପଶ୍ଚିମବଙ୍ଗରେ ରହୁଥିବା ଅନୁପ୍ରବେଶକାରୀଙ୍କ ମନରେ ଏବେ କୋକୁଆ ଭୟ । ସେମାନଙ୍କ ପ୍ରତି ଅତି କଠୋର ହେଉଛନ୍ତି ଶୁଭେନ୍ଦୁ ସରକାର। ସେମାନଙ୍କୁ ସିଧା ବିଦା କରିବାର ଆରମ୍ଭ କରିଦେଇଛନ୍ତି ଡେଞ୍ଜରସ୍ ଫର୍ମୂଲା। ୩ ଡି ଫର୍ମୁଲା। ପ୍ରଥମ ଫର୍ମୂଲା ଡିଟେକ୍ଟ , ପରେ ଡିଲିଟ୍ ଏବଂ ଶେଷରେ ଡିପୋଟ। ଅର୍ଥାତ୍ ପ୍ରଥମେ ସେମାନଙ୍କୁ ଚିହ୍ନଟ, ପରେ ସିଧାବିଦା ଏବଂ ଶେଷରେ ଭଲରେ ନ ହେଲେ ମନ୍ଦରେ ବିଦା କିନ୍ତୁ ବିଦା ହେବାଟା ଥୟ। ବଙ୍ଗର ଶୁଭେନ୍ଦୁ ସରକାର ଏବେ ଫୁଲ୍ ଆକ୍ସନ୍ ମୋଡ୍‌ରେ। ବଙ୍ଗ ସରକାରଙ୍କ ଭାଷାରେ ପଶ୍ଚିମବଙ୍ଗର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ପ୍ରତି ଜିଲ୍ଲାରେ ହୋଲ୍‌ଡିଂ ସେଣ୍ଟର ନିର୍ମାଣ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁଥିରେ ଅନୁପ୍ରବେଶକାରୀ ଆସି ସେମାନଙ୍କ ସମସ୍ତ ରେକର୍ଡ ଦାଖଲ କରିବା ପାଇଁ ସେମାନଙ୍କୁ ଶେଷ ସୁଯୋଗ ଦିଆଯିବ। କିଛି ବି ସନ୍ଦେହ ଆସିଲେ , ସେମାନଙ୍କୁ ତୁରନ୍ତ ବଙ୍ଗ ଛାଡ଼ିବା ପାଇଁ ବାଧ କରାଯିବ। ଭଲରେ ନ ହେଲେ ମନ୍ଦରେ ସେମାନଙ୍କୁ ବିଦା କରାଯିବ। ତେବେ ବଙ୍ଗ ସରକାର ଏବେ ଅନୁପ୍ରବେଶକାରୀଙ୍କୁ ବିଦା କରିବା ପାଇଁ ଆପଣାଇବାକୁ ଯାଉଛନ୍ତି ୩ ଡି ଯୋଜନା ଯାହାକି ନିଶ୍ଚିତରୂପେ ଫଳପ୍ରଦ ହେବ ବୋଲି ବିଶ୍ୱାସ କରାଯାଉଛି। ଏବେ ସମସ୍ତେ ଭାବୁଛନ୍ତି ଓଡ଼ିଶା ବିଷୟରେ । ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାରୁ ବାଙ୍ଗ୍‌ଲାଦେଶୀ ଅନୁପ୍ରବେଶକାରୀଙ୍କୁ ବିଦା କରିବାକୁ ରାଜ୍ୟ ସରକାର ଏବେ ତୁରନ୍ତ କିଛି ସଶକ୍ତ ପଦକ୍ଷେପ ନିଅନ୍ତୁ ନଚେତ ତଦ୍‌ଜନିତ ବିଶୃଙ୍ଖଳା ପାଇଁ ଦାୟୀ ରହିବେ ସରକାର।

## ଗୁରୁଙ୍କ ପରାମର୍ଶ

ଗୋଟିଏ ବୋଲି ପୁଅ ହୋଇଥିବା ହେତୁ ପରିବାରରେ ସମସ୍ତଙ୍କର ଅତି ଗେହ୍ଲା ପୁଅ ଥିଲେ ସେ । ସମାଜର ଜଣେ ଜଣେ ଧନୀ ବ୍ୟକ୍ତିଙ୍କର ପୁତ୍ର ଥିଲେ। ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା। ସେ ଭାରୀ ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ , କ'ଣ ଭାବିବେ ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ କଠୋର ତଥା କର୍କଶ ହୋଇଯାଇଛି। ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଳୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଉାଟା ପରିବର୍ତ୍ତନ ହୋଇପାରିବ। ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା ।ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ। ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଶେଷରେ ପରିବର୍ତ୍ତନ ହେଲା ଜନୈକ ଧନୀ ବ୍ୟକ୍ତିଙ୍କ ଗେହ୍ଲାପୁଅ।

# ସମରକୋର୍ସ : ଦକ୍ଷତା ବିକାଶ ପାଇଁ ସୁବର୍ଣ୍ଣ ସୁଯୋଗ




ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ସମୟ ଅଭାବରୁ ଆମକୁ ନିଜ ସଉକ ପୂରଣ ନ ହେବା ନେଇ ସର୍ବଦା ଅଭିଯୋଗ ରହିଥାଏ। ସ୍କୁଲ ଦିନମାନଙ୍କରେ କୌଣସି କ୍ୟାମ୍ପରେ ଯୋଗ ଦେବା କଷ୍ଟକର ହୋଇଥାଏ। ତେଣୁ ଖରାଦିନ ଛୁଟି ହେଉଛି ପ୍ରକୃଷ୍ଟ ସମୟ, ଯେଉଁ ସମୟରେ ଆପଣ ବହୁତ କିଛି ଶିଖିପାରିବେ ଏବଂ ନିଜ ଭିତରେ ଥିବା ଦକ୍ଷତାର ଭରପୁର ବିକାଶ କରିପାରିବେ। ସାଧାରଣତଃ ଖରାଦିନ ଛୁଟିର ମର୍ମ ଏବେ ବଦଳିଗଲାଣି। ପିଲାମାନେ ଏବେ ଏହି ସମୟକୁ ନୂଆ ହିସାବରେ ବ୍ୟବହାର କଲେଣି। ନିଜ ଭିତରେ ଲୁକ୍କାୟିତ ହୋଇଥିବା ପ୍ରତିଭାକୁ ସର୍ବସମ୍ମୁଖକୁ ଆଣିବା ପାଇଁ ପିଲାମାନେ ଏହି ସମୟରେ ହିଁ ତାଲିମ ନେଉଛନ୍ତି। ଦ୍ରୁତ ଗତିରେ ଆସୁଥିବା ପରିବର୍ତ୍ତନ ପାଇଁ ହିଁ ବର୍ତ୍ତମାନ ପ୍ରତିବର୍ଷ କିଛି ନୂଆ ନୂଆ ଜିନିଷ ଶିଖିବାକୁ ମିଳୁଛି। ଏହା ଆପଣଙ୍କ ଉପରେ ନିର୍ଭର କରେ ଯେ ଆପଣ କେଉଁଥିରେ ସଉକ ରଖିଛନ୍ତି ଏବଂ କେଉଁ ଦିଗରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହାନ୍ତି। ଅଧିକାଂଶ ପିଲା ବିଦେଶୀ ଭାଷା ଶିଖିବାରେ ରୁଚି ରଖିଥାନ୍ତି। ଏହା ଏତେ କମ୍ ସମୟରେ ଶିଖିବା ମଧ ସମ୍ଭବ ନୁହେଁ। ତେବେ ଯେଉଁ ଛାତ୍ରୀଛାତ୍ରଙ୍କ ସ୍କୁଲରେ ବିଦେଶୀ ଭାଷା ଶିଖାଯାଉଛି, ସେମାନେ ଖରାଦିନ ଛୁଟିର ଦେଢ଼ ମାସ ମଧ୍ୟରେ ଜଣେ ଭଲ ଟ୍ୟୁଟର ସହାୟତାରେ ନିଜକୁ ବିକଶିତ କରିପାରିବେ। ଆପଣ ଠିକ୍ ଭାବେ ବୁଝିବିଚାରି ଖୋଲା ମନରେ ଯୋଜନା କରନ୍ତୁ। ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ନିଜ କ୍ଷମତା ଏବଂ ରୁଚିକୁ ମଧ ଧ୍ୟାନରେ ରଖନ୍ତୁ। ଏହା ମଧ ଜରୁରୀ ନୁହେଁ କି ସମ୍ପୂର୍ଣ୍ଣ ଖରାଦିନ ଛୁଟିକୁ ଆପଣ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିରେ ବ୍ୟୟ କରିବେ। ଆପଣଙ୍କ ରୁଚି ଯଦି ପାଠପଢ଼ାରେ ଥାଏ ତେବେ ଏହି ଛୁଟି ସମୟରେ ଆପଣ କୌଣସି କୋଚିଂ ସଂସ୍ଥାରେ ଯୋଗ ଦେଇପାରିବେ। ଯେଉଁ ବିଷୟରେ ଦୁର୍ବଳ ଅଛନ୍ତି ସେଥିରେ ଏହି ସମୟରେ ଉନ୍ନତି ଆଣିପାରିବେ। ସମର କୋର୍ସ ବିଷୟରେ ମାତାପିତାମାନେ ଧ୍ୟାନ ରଖିବା ଉଚିତ ଯେ କୋର୍ସ ଚଏସ୍ ପିଲା ଉପରେ ହିଁ ଛଡ଼ାଯାଉ। ଏହାଦ୍ୱାରା ହିଁ ସମୟର ସଦୁପଯୋଗ ହୋଇପାରିବ। ସ୍କୁଲ କିମ୍ବା ଇନଷ୍ଟିଚ୍ୟୁଟ୍‌ରେ ଦିଆଯାଇଥିବା ପ୍ରୋଜେକ୍ଟ କିମ୍ବା ହୋମୱାର୍କକୁ ଛାଡ଼ି ଦିଅନ୍ତୁ। କାରଣ ଖରାଦିନ ଛୁଟିର ପ୍ରତ୍ୟେକ ସମୟ ନିଜର ବିକାଶରେ ବ୍ୟୟ କରିବା ଦରକାର। ଏହି ସମୟରେ କୌଣସି ପ୍ରକାର ଚାପ ନିଅନ୍ତୁ ନାହିଁ। ଯଦି ଆପଣଙ୍କ ଘର ନିକଟରେ ସୁବିଧା ଥାଏ ତେବେ ଏହି ସମୟରେ ୧ରୁ ଅଧିକ ଆକ୍ଟିଭିଟି, କୋର୍ସ, କ୍ୟାମ୍ପରେ ଯୋଗ ଦେଇପାରିବେ। ଯଦି ଆପଣ ଟେନିସ୍ ଏବଂ ଡ୍ୟାନ୍ସ ଉଭୟରେ ରୁଚି ରଖିଥାନ୍ତି ତେବେ ଗୋଟିଏ କୋର୍ସ ସକାଳେ ଏବଂ ଦ୍ୱିପ୍ରହର କିମ୍ବା ରାତ୍ରିରେଅନ୍ୟ କୋର୍ସ ପାଇଁ ସମୟ ଦେଇପାରିବେ। ଆପଣ ନିଜ ସୁବିଧା ଅନୁଯାୟୀ ସମୟ ପରିଚାଳନା କରିପାରିବେ।ଯଦି ଆପଣ ତେଜ ଖରାରେ ବାହାରକୁ ଯିବାକୁ ଚାହାନ୍ତିନି ତେବେ ଇଣ୍ଟରନେଟ୍ ଦୁନିଆରେ ଅନେକ କିଛି କରିପାରିବେ। ତେବେ ଅଧିକାଂଶ କୋର୍ସରେ ଆପଣଙ୍କୁ ଯିବା ଆସିବା କରିବାକୁ ପଡ଼ିଥାଏ। ଆପଣ ଯାହା କରିବାକୁ ଚାହୁଁଛନ୍ତି ସେଥିପାଇଁ ଘର ପାଖରେ ସବୁ ସୁବିଧା ମିଳିଯିବ ତାହା ଭାବିବା ଭୁଲ। ଏହା ଆପଣଙ୍କୁ ହିଁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ ଆପଣ କେଉଁଠି କୋର୍ସ କରିବାକୁ ଚାହୁଁଛନ୍ତି। ବିଦେଶରେ ମଧ କୋର୍ସ କରିପାରିବେ। ଅନେକ ବିଶ୍ୱବିଦ୍ୟାଳୟରେ ଏଭଳି କୋର୍ସ ଉପଲବ୍ଧ ଅଛି। ନିଜ ଦେଶରେ ମଧ ଏଭଳି କୋର୍ସର ଅଭାବ ନାହିଁ। ଖାଲି ଯେ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିପାରିବେ ତାହା ମଧ ନୁହେଁ। ଯେ କୌଣସି ବୟସ୍କ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇପାରିବେ। ଛୁଟିଦିନମାନଙ୍କରେ ଦିଆଯାଉଥିବା ସ୍ୱତନ୍ତ୍ର କୋର୍ସଗୁଡ଼ିକ ମଧ୍ୟରେ ପେସାଭିତ୍ତିକ କୋର୍ସ ମଧ ରହିଛି। ଆଇଆଇଟି ଦିଲ୍ଲୀରେ ଅନେକ କୋର୍ସ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରଫେସରମାନଙ୍କୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇଥାଏ। ପ୍ରଫେସନାଲମାନେ ଏହାଦ୍ୱାରା ନିଜ ଦକ୍ଷତାକୁ ଆହୁରି ବଢ଼ାଇପାରିବେ।ଯଦି ବିଦେଶରେ କିଛି କରିବାକୁ ଚାହାନ୍ତି ଏଥିରେ ମଧ ଅନେକ ବିକଳ୍ପ ଅଛି। ସେଠାରେ ମଧ ଆପଣ କିଛି ସପ୍ତାହ ଧରି କୋର୍ସ କରିପାରିବେ। ଏହାର ଅନେକ ଫାଇଦା ଅଛି। ଏହାଦ୍ୱାରା ଆପଣ ଅନେକ କିଛି ଶିଖିପାରିବେ ତା ସହ ଏକ୍ସପୋଜର ମଧ ମିଳିବ। ପାଠପଢ଼ା ବ୍ୟତୀତ ନିଜ ବ୍ୟକ୍ତିତ୍ୱବିକାଶ ପାଇଁ ମଧ କୋର୍ସ କରିପାରିବେ। ଉଦାହରଣ ସ୍ୱରୂପ ବ୍ରିଟେନ୍‌କୁ ନିଅନ୍ତୁ। ଏଠାରେ ଅକ୍ସଫୋର୍ଡ଼ ରୟାଲ ଏକାଡ଼େମୀ ଠାରୁ ଆରମ୍ଭ କରି କେମ୍ବ୍ରିଜ୍ ପର୍ଯ୍ୟନ୍ତ ଅନୁଷ୍ଠାନରେ ସମର କୋର୍ସ ପ୍ରଦାନ କରାଯାଇଥାଏ। ଯେଉଁମାନେ ଆକ୍ଟିଙ୍ଗରେ କ୍ୟାରିୟର କରିବାକୁ ଚାହାନ୍ତି ସେମାନେ ଅକ୍ସଫୋର୍ଡ଼ ରୟାଲ ଏକାଡ଼େମୀରେ ଯୋଗ ଦେଇପାରିବେ। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ଅନେକ ପ୍ରକାର କୋର୍ସ କରାଯାଇପାରିବ। ଯେପରି ଆକାଉଣ୍ଟ, ଇ, ଇକୋନୋମିକ୍ସ ଇତ୍ୟାଦି। ସିଙ୍ଗାପୁର ନ୍ୟାସନାଲ ୟୁନିଭର୍ସିଟିରୁ ଜାପାନିଜ୍ ଲାଙ୍ଗୁଏଜରେ କୋର୍ସ କରାଯାଇପାରିବ। ଏହାଛଡ଼ା ସାଂସ୍କୃତିକ କାର୍ଯ୍ୟକଳାପରେ ନିଜର ସଉକକୁ ବାସ୍ତବ ରୂପ ଦିଆଯାଇପାରିବ। ଏହିଭଳି ଅନେକ ଦେଶରେ ସମର କୋର୍ସ କରାଯାଇପାରିବ।ଇଣ୍ଟରନେଟ୍ ଅଛି ତ ଚିନ୍ତା କେଉଁଠି। ଯେଉଁ ସ୍ଥାନରେ ସମର କୋର୍ସରେ ଯୋଗ ଦେବାକୁ ଚାହିଁବେ, ସେଠାରେ ସମର ସ୍କୁଲଗୁଡ଼ିକର ୱେବ୍‌ସାଇଟରୁ ସମସ୍ତ ତଥ୍ୟ ସଂଗ୍ରହ କରିପାରିବେ। ରହିବା ଖାଇବା ନେଇ କି କି ସୁବିଧା ଅଛି ତାହା ୱେବସାଇଟରୁ ଜାଣିପାରିବେ। ପିଲାଙ୍କ ସମର କୋର୍ସ ସମ୍ପର୍କରେ ନିଷ୍ପତ୍ତି ନେବା ସମୟରେ ତାର ବିଦ୍ୟାଳୟର ପାଠ୍ୟକ୍ରମ ମଧ ଦେଖନ୍ତୁ। ବିଶେଷକରି ପିଲାମାନଙ୍କୁ ସୃଜନଶୀଳ ଶିକ୍ଷା ଦିଅନ୍ତୁ, ପରିବେଶ ଓ ବନ୍ଧୁ ବାନ୍ଧବ ମାନଙ୍କ ସହିତ ମିଶିବାର ସୁଯୋଗ ଦିଅନ୍ତୁ। କୌଣସି ଦୂର ଯାତ୍ରା କରିବାକୁ ଚାହୁଁଥିଲେ, ସମର ଛୁଟି ପରିବାର ପାଇଁ ଆନନ୍ଦମୟ ମୁହୂର୍ତ୍ତ। ଏ କ୍ଷେତ୍ରରେ ସାମଗ୍ରିକ ତଥ୍ୟ ସବୁବୁଝି ଏବଂ ଆପଣଙ୍କର ପିଲାଟିର ମାନସିକତାକୁ ଭଲଭାବେ ବୁଝି ତା ମନ ବୁଝିଲା ପରି ସମର କୋର୍ସ ପସନ୍ଦ କରନ୍ତୁ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬**
**E-mail : nibeditabehera08021985@gmail.com**

# ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ



ଡାକ୍ତର ଶୁଭଶ୍ରୀ ମିଶ୍ର

ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖିବାକୁ ମିଳେ। ତନ୍ମଧ୍ୟରୁ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହେଉଛି ଏଭଳି ଏକ ସମସ୍ୟା ଯେଉଁଥିପାଇଁ ଲୋକମାନେ ଅନେକ ସମୟରେ ଅସୁବିଧାରେ ପଡ଼ନ୍ତି। ଶରୀରରେ ଅତ୍ୟଧିକ କିମ୍ବା କମ ପରିମାଣର ଜଳ ହେତୁ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଦେଖାଦେଇପାରେ। ଶରୀରରେ ଜଳ ସନ୍ତୁଳନ ବଜାୟ ରଖିବା, କୋଷକୁ ପୁଷ୍ଟିକର ଖାଦ୍ୟ, ଯୋଗାଇବା, ବର୍ଜ୍ୟବସ୍ତୁ ବାହାର କରିବା, ସ୍ନାୟୁକୁ ସଙ୍କେତ ପଠେଇବାରେ ସାହାଯ୍ୟ କରିବା, ମାଂସପେଶୀକୁ ଆରାମ ଦେବା ଏବଂ ମସ୍ତିଷ୍କ ଏବଂ ହୃଦୟ ଭଲ କାର୍ଯ୍ୟ କରିବାରେ ଇଲେକ୍ଟ୍ରୋଲାଇଟର ବିଶେଷ ଭୂମିକା ରହିଛି। ସୋଡ଼ିୟମ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫେଟ, କ୍ଲୋରାଇଡ଼ ପରି ଉପାଦାନ ଗୁଡ଼ିକ ଇଲେକ୍ଟ୍ରୋଲାଇଟ ବଜାୟ ରଖିବାରେ ସହାୟକ ହୋଇଥାଏ। ଏହି ପୋଷକ ତତ୍ତ୍ୱରେ ଅସନ୍ତୁଳନ ହେଲେ ଶରୀରରେ ଅନେକ ପ୍ରକାରର ସମସ୍ୟା ଦେଖାଦେଇପାରେ। ତେଣୁ ଏହାର ଲକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ସମସ୍ତଙ୍କ ଶରୀରରେ ସମାନ ଭାବରେ ଦେଖା ଦେଇନଥାଏ। ଛୋଟ ପିଲା, ବୟସ୍କ, ଯୁବ ବର୍ଗ, ପରିଶ୍ରମୀ ମଣିଷ, ମହିଳା ମାନଙ୍କ ପାଇଁ ସେମାନଙ୍କ ଶରୀରର ସଞ୍ଚାଳନ ଓ କର୍ମ ବ୍ୟସ୍ତତାକୁ ଦେଖି ଏହା କମ ବେଶୀ ହୋଇଥାଏ। ତେବେ ବର୍ତ୍ତମାନ ସମୟକୁ ଦେଖିଲେ ପାଣିପାଗରେ କୌଣସି ଶୀତଳତା ନଥିବାରୁ ଏବଂ ପ୍ରଚଣ୍ଡ ଖରାରେ, ସମସ୍ତଙ୍କ ଶରୀରରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଦେଖିବାକୁ ମିଳୁଛି। ବାସ୍ତବ କଥା ହେଉଛି ଏହା ସେପରି ଏକ ଭୟଭୀତ ହେଲାପରି ସ୍ୱାସ୍ଥ୍ୟ ସମସ୍ୟା ନୁହେଁ। କିନ୍ତୁ ଏହାକୁ ହାଲକା ଭାବି ଅଣଦେଖା କରିବା ବା ସମସ୍ୟାକୁ ଗଡ଼େଇବା କାରଣ ରଖିଲେ ପରବର୍ତ୍ତୀ ସମୟରେ ଏହା ଶରୀରରେ ଜଟିଳ ସମସ୍ୟା ସହ ଅନ୍ୟ ରୋଗ ପାଇଁ ପରୋକ୍ଷରେ ଦାୟୀ ହୋଇଥାଏ। ଉପାୟ : ଶରୀରରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଥିବାର ଯଦି ସାମାନ୍ୟତମ ଅନୁଭବ କରନ୍ତି ତେବେ ଆପଣ ଆପଣଙ୍କ ନିୟମିତ ଖାଦ୍ୟ ତାଲିକା ବଦଳାଇ ଖାଦ୍ୟରେ ଜଳ ଓ ତରଳ ପଦାର୍ଥର ମାତ୍ରା ଅଧିକ ରହୁଥିବା ଜିନିଷ ଗ୍ରହଣ କରନ୍ତୁ। ପ୍ରଚୁର ପରିମାଣର ଚିନି ଲୁଣ ପାଣି ଓ ଯଥା ସମ୍ଭବ ଅଧିକ ପରିମାଣର ଓଆରଏସ ପିଅନ୍ତୁ। କେତେକ ପରିସ୍ଥିତିରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଗୁରୁତର ଏବଂ ଏପରିକି ଜୀବନ ପ୍ରତି ବିପଦ ସୃଷ୍ଟି ମଧ କରିପାରେ। ଏପରି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଏହା କାହିଁକି ହୁଏ ? : ଆପଣଙ୍କ ଶରୀରରେ ଶରୀର ତତ୍ତ୍ୱ ଅନୁଯାୟୀ ଜଳର ପରିମାଣର ମାତ୍ରା ଖସି ଆସିଲେ ବା କମ ହୋଇଗଲେ ସେତେବେଳେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହୋଇପାରେ। ଏହାର ଅନେକ କାରଣ ମଧ ରହିଛି। ବାନ୍ତି, ଝାଡ଼ା, ଅତ୍ୟଧିକ ଝାଳ ବାହାରିବା ଭି ସମସ୍ୟା ଦେଖାଦେଲେ, ଡାୟୁରେଟିକ ମେଡ଼ିସିନ ଖାଇବା ଦ୍ୱାରା, କିଡ଼ନୀ କିମ୍ବା ଫୁସଫୁସ ରୋଗରେ ପୀଡ଼ିତ ଥିଲେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହେବା ଜରୁରୀ।ଲକ୍ଷଣ : ସାଧାରଣତଃ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନର ସାମାନ୍ୟ ସ୍ତରରେ ଥିବାବେଳେ ଅନେକ ଲକ୍ଷଣ ଦେଖାଯାଇ ନଥାଏ। ଜଣେ ରକ୍ତ ପରୀକ୍ଷା ନକରିବା ପର୍ଯ୍ୟନ୍ତ ଏହି ସମସ୍ୟା ଚିହ୍ନଟ ହେବା ସମ୍ଭବ ହୋଇନଥାଏ। ତେବେ ପରବର୍ତ୍ତୀ ସମୟରେ ଅସ୍ୱସ୍ତିକର ସହ ସମସ୍ୟା ଜଣକୁ ବିଚଳିତ କରିବା ସହ ହୃଦସ୍ପନ୍ଦନ, ଥକ୍କାପଣ, ବାନ୍ତି, ଝାଡ଼ା କିମ୍ବା କୋଷ୍ଠକାଠିନ୍ୟ ଏବଂ ପେଟ ସମସ୍ୟା ସୃଷ୍ଟି ହୋଇଥାଏ। ଯଦି ଏପରି ଲକ୍ଷଣ ଗୁଡ଼ିକ ଦେଖାଯାଏ ତେବେ ନିଶ୍ଚିତ ଭାବରେ ଏହି ବିଷୟରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ସରକାରୀ ଡାକ୍ତରଖାନାର ତୁରନ୍ତ ସହାୟତା ନେଇପାରିବେ। ଅଭିଜ୍ଞ ଭେଷଜ ବିଶେଷଜ୍ଞ ବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ମଧ ଆପଣଙ୍କୁ ପରାମର୍ଶ ଦେଇପାରିବେ। କିପରି ଠିକ କରିବେ ? : ଆପଣଙ୍କର ସ୍ୱାସ୍ଥ୍ୟର ସ୍ଥିତି, ଶରୀର ସନ୍ତୁଳନ, ଡାଏଟ ଚାର୍ଟ, ବିଶ୍ରାମ ଅବଧି, ଆପଣଙ୍କ କର୍ମ ବ୍ୟସ୍ତତା ସବୁକିଛିକୁ ବିଚାର କରି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଥାଏ। ସାଧାରଣତଃ ଆମ୍ଭମାନଙ୍କ ଶରୀରରେ ଥିବା ଖଣିଜ ତତ୍ତ୍ୱ ଅଭାବକୁ ଦୂର କରିବା ପାଇଁ ତରଳ ପଦାର୍ଥର ବ୍ୟବହାର ବେଳେ ବେଳେ କରାଯାଇଥାଏ। ତେବେ କୌଣସି ତତ୍କାଳ ବା ଜରୁରୀ ସମସ୍ୟା ଥିଲେ ଏଥିପାଇଁ କାଜୁଆଲଟି ସେବା ଭାବେ ସାଲଲାଇନ, ଇଞ୍ଜେକ୍ସନର ବ୍ୟବହାର କରାଯାଏ। ଗ୍ରୀଷ୍ମ ଦିନରେ ବିଶେଷକରି ମହିଳାମାନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ସାମ୍ନା କରିଥାନ୍ତି। କର୍ମଜୀବୀ ମହିଳା ହୁଅନ୍ତୁ ବା ଗୃହିଣୀ ସମସ୍ତେ କର୍ମ ବ୍ୟସ୍ତ ସମୟରେ ବିଶେଷକରି ଗ୍ରୀଷ୍ମ ଦିନରେ ଯେଉଁ ସମସ୍ୟାଟି ଅଧିକ ସାମ୍ନା କରିଥାନ୍ତି ତାହା ହେଉଛି ଏହି ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ। ଏହାକୁ କେହି କେହି ଅଣଦେଖା କରିଥାନ୍ତି କିନ୍ତୁ ଆପଣଙ୍କର ଉଦାସୀନତା ବା ଅବହେଳା ପରବର୍ତ୍ତୀ ସମୟରେ ଅଂଶୁଘାତ ସମସ୍ୟା ପରି ଶରୀରକୁ ସଙ୍କଟାପନ୍ନ କରିଦେବ। ଗ୍ରୀଷ୍ମ ଦିନରେ ନିଜ ଖାଦ୍ୟପେୟ, ବିଶ୍ରାମ ସହ ଯଥା ସମ୍ଭବ ଟାଣ ଖରାରୁ ଦୂରେଇ ରହିବା ସର୍ବାଦୌ ବାଞ୍ଛନୀୟ। ପ୍ରଚୁର ପରିମାଣର ବିଶୋଧିତ ପାଣି ପିଇବା ସହ ଶରୀରରୁ ଝାଳ ଦ୍ୱାରା ଅନେକ ପରିମାଣର ବର୍ଜ୍ୟବସ୍ତୁ ବାହାରକୁ ଚାଲି ଯାଉଥିଲେ ମଧ ଯଥାସମ୍ଭବ ଫଳରସ, ପଇଡ଼, ଆଖୁରସ, ବେଲପଣା ଓ ଦେଶୀୟ ଫଳ ପ୍ରସ୍ତୁତ ଜୁସ ପିଅନ୍ତୁ। ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ପନିପରିବା ଓ ଶାଗକୁ ଅଗ୍ରାଧିକାର ଭିତ୍ତିରେ ରଖନ୍ତୁ। ଆମିଷ କମ ଖାଇବା ଭଲ। କୌଣସି ପ୍ରକାର ମାଦକ ଦ୍ରବ୍ୟ ଶରୀର ପାଇଁ ହାନିକାରକ। ଖରାଦିନରେ ଅନେକ ଖାଦ୍ୟ ତାଲିକାରେ ପଖାଳକୁ ଗୁରୁତ୍ୱ ଦେଇଥାନ୍ତି। ଏହା ମଧ ଶରୀର ପାଇଁ ଉପଯୋଗୀ। ଯଥା ସମ୍ଭବ ଗରମ କିମ୍ବା ଖରା ଠାରୁ ଦୂରେଇ ରୁହନ୍ତୁ। ପର୍ଯ୍ୟାପ୍ତ ପରିମାଣର ଓଆରଏସ, ଲସି, ତୋରାଣି, ଲେମ୍ବୁପାଣି ପିଅନ୍ତୁ। ଠିଲା ପୋଷାକ ପିନ୍ଧନ୍ତୁ, ଚଷମା, ଟୋପି, ଛତା ପିନ୍ଧନ୍ତୁ ନିଜକୁ ସୂର୍ଯ୍ୟ କିରଣରରୁ ରକ୍ଷ କରନ୍ତୁ। ଅଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଓ ବାଶୀ ଖାଦ୍ୟ ଖାଆନ୍ତୁ ନାହିଁ। ଯଦି ଆପଣ ମୂର୍ଚ୍ଛା ହେବାଭଳି ଅନୁଭବ କରୁଛନ୍ତି ତେବେ ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଶରୀରର ତାପାମତ୍ରା ମାପନ୍ତୁ ଯଦି ଶରୀରରେ ଚର୍ମ ଅତ୍ୟଧିକ ଗରମ ଓ ଶୁଷ୍କ ଦେଖାଯାଏ ମତି ଭ୍ରମ ବାତ କିମ୍ବା ଅଚେତ ହୋଇଯିବା ଭଳି ଅସ୍ୱାଭାବିକ ଲକ୍ଷଣ ପ୍ରକାଶ ପାଏ ତେବେ ବିଳମ୍ବ ନକରି ତୁରନ୍ତ ଡାକ୍ତରଖାନା ଯାଆନ୍ତୁ। ଗ୍ରୀଷ୍ମ ପ୍ରଭାବ ଯୋଗୁଁ ବାଷ୍ପୀଭବନ ପ୍ରକ୍ରିୟା ତେଜ ହୋଇଥାଏ ଏବଂ ମାଟିର ଆର୍ଦ୍ରତା ସ୍ତର ହ୍ରାସ ପାଉଥିବାରୁ ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ବିଶେଷକରି ଏ ସମୟରେ ତାପମାତ୍ରା ବଢ଼ିବା ଦ୍ୱାରା ଖାଦ୍ୟ ଓ ଜଳରେ ବ୍ୟାକ୍ଟେରିଆ ବଂଶ ବୃଦ୍ଧି ପାଇଁ ପରିଣତି ସ୍ୱରୂପ ଡାଏରିଆ, ହଇଜା, ଡିସେଣ୍ଟ୍ରି, ଇନଫେକ୍ଟିଭ ଗ୍ୟାଷ୍ଟ୍ରୋ ଏଣ୍ଟେରାଇଟିସ ଭଳି ସମସ୍ୟା ସୃଷ୍ଟି କରିଥାଏ। ଡ଼ିହାଇଡେସନ ସମସ୍ୟା ହୃଦରୋଗ ଓ ଶ୍ୱାସକ୍ରିୟା ଜନିତସମସ୍ୟା, କ୍ରୋନିକ କିଡ଼ନରୋଗ ପ୍ରତି ଅଧିକ ଦୁର୍ବଳ କରିଦିଏ। ଅତ୍ୟଧିକ ତାପମାତ୍ରା ଯୋଗୁଁ ବାୟୁମଣ୍ଡଳ ସ୍ଥିର ହୋଇଯାଏ ଯାହାଦ୍ୱାରା ଆଲର୍ଜେନ ଓ ପ୍ରଦୂଷଣଗୁଡ଼ିକ ବାୟୁରେ ଅଟକ ରହନ୍ତି ଓ ଏହାଫଳରେ ଶ୍ୱାସ ହୃଦଜନିତ ମୃତ୍ୟୁ ହାର ବୃଦ୍ଧି ପାଇଥାଏ। ତେବେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଇଲେକ୍ଟ୍ରୋଲାଇଟ ସନ୍ତୁଳନକୁ ଗ୍ରୀଷ୍ମ ଦିନରେ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ଏକ ନିରୋଗ ଓ ସୁସ୍ଥ ଶରୀର ଜଣକୁ ଶାନ୍ତି ଓ କର୍ମ କରିବାର ପ୍ରବଣତାକୁ ପ୍ରେରଣା ଯୋଗାଇଥାଏ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,**
**KUK, E-mail : drsubhashreemishra890@gmail.com**

# ଜନନାୟକ ନୀଳମଣି ରାଉତରାୟ

ଡ଼ଃ.ଅରୁନ୍ଧତୀ ଦେବୀ

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ସକ୍ରିୟ ମଙ୍ଗୁଆଳ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ ସ୍ଥଳୀରେ ପହଞ୍ଚାଇବା ପାଇଁ ନିଷ୍ଠାପର ଉଦ୍ୟମ କରିଥିବା ରାଜନେତାଙ୍କ ମଧ୍ୟରେ ନୀଳମଣି ରାଉତରାୟ ଅନ୍ୟତମ। ଓଡ଼ିଶା ତଥା ଓଡ଼ିଆ ଜାତିର ସେବା ଥିଲା, ତାଙ୍କ ଜୀବନର ଏକମାତ୍ର ବ୍ରତ। ସେ କୌଣସି ସମୟରେ ମେଧାବୀ ଛାତ୍ର ନଥିଲେ। ରେଭେନ୍ସା କଲେଜରୁ ବହିଷ୍କୃତ ହୋଇଥିବା ପ୍ରଥମ ଛାତ୍ର ହେଉଛନ୍ତି ନୀଳମଣି ରାଉତରାୟ। ତାଙ୍କୁ ବହିଷ୍କାର କଲାବେଳେ ରାଭେନ୍‌ସାର ତତ୍କାଳୀନ ଅଧକ୍ଷ ଡ.ପ୍ରାଣକୃଷ୍ଣ ପରିଜା ତାଙ୍କ ଚରିତ୍ର ସାର୍ଟିଫିକେଟରେ ଲେଖିଥିଲେ ନୀଳମଣି ଚାରି ବର୍ଷର ଛାତ୍ର ଜୀବନରେ ଧ୍ୱଂସମୂଳକ କାର୍ଯ୍ୟକ୍ରମ ଦ୍ୱାରା କଲେଜକୁ ଏକ ମରୁଭୂମିରେ ପରିଣତ କରିଦେଇଥିଲେ ଏବଂ ଏ ପ୍ରକାର ଛାତ୍ରକୁ ନେଇ ପୃଥିବୀର କୌଣସି ଶିକ୍ଷାନୁଷ୍ଠାନ ଚାଲିପାରିବ ନାହିଁ। ଏପରି ନକାରାତ୍ମକ ଟିପ୍ପଣୀ ସତ୍ତ୍ୱେ ସେ କଲକାତାର ବିଦ୍ୟାସାଗର କଲେଜରୁ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ।

ବିଦ୍ୟାସାଗର କଲେଜରେ ଭର୍ତ୍ତି କରାଇବାରେ ସାହାଯ୍ୟ କରିଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ପରବର୍ତ୍ତୀ କାଳରେ ଆଇନ ଓ ରାଜନୀତି ବିଜ୍ଞାନରେ ଏମ୍ଏ ପଢ଼ିବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ମଧ ଆନ୍ଦୋଳନାତ୍ମକ କାର୍ଯ୍ୟରେ ମାତ୍ରାଧିକ ସଂପୃକ୍ତି ଯୋଗୁଁ ବହିଷ୍କୃତ ହୋଇଥିଲେ। ଘଟଣାକ୍ରମେ ସେ କଲକାତା ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରି, କଟକ ଫେରିଥିଲେ ଏବଂ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଜାତନ୍ତ୍ରର ସେ ଥିଲେ ପ୍ରଥମ ମୁଖ୍ୟ ପରିଚାଳକ। ଏହି ଖବରକାଗଜର ପ୍ରଚାର ପ୍ରସାର ପାଇଁ ବହୁ ଉଦ୍ୟମ କରିଥିଲେ। ନୀଳମଣିଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ରାଜନୈତିକ ଜୀବନର ପ୍ରଥମ ବିଧାନସଭା ନିର୍ବାଚନ ତାଙ୍କୁ ଲଢ଼ିବାକୁ ପଡ଼ି ନଥିଲା। ତାଙ୍କ ବିରୋଧରେ କେହି ପ୍ରାର୍ଥୀ ପତ୍ର ଦାଖଲ ନକରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୨ ଜୁଲାଇ ୧୯୪୮ରେ ବିଧାନସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ।

୧୯୫୨ରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ସେ ଥିଲେ ଘରୋଇ ବିଭାଗର ଉପମନ୍ତ୍ରୀ; ତତ୍କାଳୀନ କନିଷ୍ଠତମ। ନାନା ବିବାଦୀୟ ପରିସ୍ଥିତିରେ ସକ୍ରିୟ ରାଜନୀତିରୁ ଅବସର ନେବା ପରେ ବନ୍ଧୁ ଓ ଶୁଭକାଂକ୍ଷୀଙ୍କ ଅନୁରୋଧ ଏଡ଼ାଇ ନ ପାରି ନୀଳମଣି ଆତ୍ମଚରିତ ରଚନାରେ ମନ ଦେଇଥିଲେ। ତାଙ୍କ ଆତ୍ମଚରିତ ସ୍ମୃତି ଓ ଅନୁଭୂତିକୁ କେହି କେହି ଓଡ଼ିଶାବାସୀଙ୍କୁ ନୀଳମଣିଙ୍କର ସର୍ବଶ୍ରେଷ୍ଠ ଅବଦାନ ବୋଲି କହନ୍ତି। ତାଙ୍କ ଆତ୍ମଚରିତ ସଂପର୍କରେ ସେ ନିଜେ ଲେଖିଛନ୍ତି... 'ଏହା ମୋର ଜୀବନ ବୃତ୍ତାନ୍ତ ନୁହେଁ, ଐତିହାସିକ ପ୍ରବାହର ଏକ କ୍ରମିକ ବିବରଣୀ ମଧ ନୁହେଁ। ଏହା କେବଳ ମୋର ସ୍ମୃତି ଓ ଅନୁଭୂତିର ବୃତ୍ତାନ୍ତ'। ୧୯୨୦ମେ ୨୪ ତାରିଖ ତିହିଡ଼ି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜନ୍ମ ହୋଇଥିଲେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ଏକାଧିକ ସ୍ଥାନରେ ଯୋଗ ଶିବିର



**ଆଠମଲ୍ଲିକ,୨୧।୬ :** ସ୍ଥାନୀୟ ଏନ ଏ ସି ପ୍ରଶାସନ ତରଫରୁ ନବ ନିର୍ମିତ କଲ୍ୟାଣୀ ମଣ୍ଡପ ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଠାରେ ଯୋଗ ଗୁରୁ ମେଘନାଦ ସାହୁ ଯୋଗ ଶିକ୍ଷା ଦେଇଥିଲେ । ଏହି ଶିବିର ରେ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଡ଼ି ଏମ ଏମ ସୀମା ପ୍ରଧାନ, ରମାକାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ଭୁକ୍ତା, ନିର୍ମଳ ବେହେରା ଙ୍କ ସମେତ ସାଧାରଣ ଜନତା ଭାଗ ନେଇଥିଲେ । ସେହିପରି ଇନଡୋର ଷ୍ଟାଡିଅମ ପରିସରରେ ବ୍ଲକ ପ୍ରଶାସନ ପ୍ରଶାସନ ତରଫରୁ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିର ରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ,ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସାଂସଦ ଙ୍କ ପ୍ରତିନିଧି ପ୍ରକାଶ ସାହୁ, ବିଧାୟକଙ୍କ ପ୍ରତିନିଧି ମହେଶ୍ୱର ଦେହୁରୀ,ଏନଏସି ଅଧକ୍ଷା ଆଶା କୁମାରୀ ସାହୁ, ବିଡ଼ିଓ ଟିଟସ ମହାନନ୍ଦିଆ,ଏବିଡ଼ିଓ ପଞ୍ଚାନନ ବେହେରା, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ଡ଼ଃ ଅଶ୍ୱିନୀ କ୍ଷେତି,ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ, ଅଭିରାମ ସାଏ,ବାଳାଶ୍ରମ ର ଛାତ୍ର ଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ । ସେହିପରି ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ମଧରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିର ରେ ପ୍ରଧାନ ଶିକ୍ଷକ ସୁନୀଲ ପ୍ରଧାନ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ମଧ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ପରି ଅନ୍ୟାକ୍ଷନ୍ୟ ଅନୁଷ୍ଠାନ ଗୁଡିକରେ ଦିନକୁ ଦିନ ଲୋକମାନଙ୍କ ଯୋଗ ପ୍ରତି ଆଗ୍ରହ ଓ ପ୍ରଶାସନ ତଥା କେନ୍ଦ୍ର ସରକାର ଙ୍କ ଯୋଗ ପ୍ରତି ଗୁରୁତ୍ୱ ଆଗାମୀ ଦିନରେ ଦେଶ ବାସି ଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ କରିପାରିବ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

## ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ପ୍ରଚାର ପାଇଁ ଅଭିନବ ପ୍ରୟାସ

# 'ଭକ୍ତ ଓ ଭଗବାନ- ଭାଗ ୨' ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର,୨୧।୬ :** ହାଇଦ୍ରାବାଦର ବୋଲ୍ଲାରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ଭକ୍ତିମୟ ପରିବେଶରେ 'ଭକ୍ତ ଓ ଭଗବାନ - ଭାଗ ୨' ପୁସ୍ତକର ଶୁଭ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କାଶୀନାଥ ମିଶ୍ରଙ୍କ ଦ୍ୱାରା ଆୟୋଜିତ ତିନି ଦିନିଆ ଜଗନ୍ନାଥ ସତସଙ୍ଗ ଅବସରରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମନ୍ଦିର ସଭାପତି ଡ. ବି. ଭୀ ପୁରୋହିତ, ସମ୍ପାଦକ ରବୀନ୍ଦ୍ର ନାଥ ଗିରି ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ସଭାପତି ଡ଼. ନାରାୟଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ । ଏହି ଉତ୍ସବରେ ବିଶିଷ୍ଟ ଅତିଥି ପ୍ରଦ୍ୟୁମ୍ନ ମହାନ୍ତି, ଶରତ ସାହୁ, ଦୁଷ୍ମନ୍ତ ସାହୁ, ସାଗର ନାୟକ, ମୁରଲୀ ଧର ମଲ୍ଲିକ, ନରୋତ୍ତମ ବିଶୋଇ ଓ ଅଶୋକ ସାହୁ ପ୍ରମୁଖଙ୍କ କରକମଳରେ ପୁସ୍ତକଟି ଉନ୍ମୋଚିତ ହୋଇଥିଲା। ଏହି ଗରିମାମୟ ମୁହୂର୍ତ୍ତରେ ଜଗନ୍ନାଥ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସୁରେଶ କୁମାର ମିଶ୍ର, ତ୍ରିଲୋଚନ ନାୟକ, ବିଜୟ ମୋହନ ପଣ୍ଡା, ଭାରତୀ ଭୂଷଣ ପଟ୍ଟନାୟକ, ଅକ୍ଷୟ ସାହୁ ଏବଂ ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ପ୍ରଚାର ପାଇଁ ଅଭିନବ ପ୍ରୟାସ । ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ବିଶ୍ୱ ଦରବାରରେ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା କରିବା ହିଁ 'ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ'ର ମୂଳ ଲକ୍ଷ୍ୟ।

# ମା' ସମଲେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଟାପଢୋଲ ବିଜୟୀ



**ଆଠମଲ୍ଲିକ,୨୧।୬:** ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଲକ୍ଷ୍ମୀ ପୁର ଗ୍ରାମ ରେ ୩ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସ ରେ ସାପଘରା ଓ ଟାପ ଢୋଲ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ରେ ଟାପଢୋଲ ଚମ୍ପିୟାନ ହୋଇଥିବା ବେଳେ ସାପଘରା ରନର୍ସ ଅପ ହୋଇଥିଲା । ସଞ୍ଜୀବ କୁମାର ବେହେରା, ସୁବାଷ ବେହେରା ଖେଳ କୁ ପରିଚାଳନା କରିଥିବା ବେଳେ ସ୍କୋର ର ଦାୟିତ୍ୱ ଭାବରେ ପିଣ୍ଟୁ ଓ ଧାରା ବିବରଣୀ ଭାବରେ ଅମଳ ପ୍ରଦାନ କରିଥିଲେ । ଏଥିରେ ଆଠ ଟି ଦଳ ଭାଗ ନେଇଥିଲେ । ଉଦଯାପନୀ ଦିବସ ଅବସରରେ ଅତିଥି ଭାବରେ ସାପଘରା ପଂଚାୟତ ସରପଞ୍ଚ କୈଳାଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ମା ସମଲେଶ୍ୱରୀ କ୍ରିକେଟ କ୍ଲବ ର ରାଜା, ହିମାଂଶୁ, କାନ୍ହା, ସୁବାଷ, ସତ୍ୟବ୍ରତ, ମୁରଲୀ ଙ୍କ ସମେତ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା ରେ ସହଯୋଗ କରିଥିଲେ । ଚମ୍ପିୟାନ ଏବଂ ରନର୍ସ ଅପ ଦଳ କୁ ଅତିଥି ଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରା ଯାଇଥିଲା ।ଗ୍ରାମାଞ୍ଚଳ ରେ ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ବୁଦ୍ଧିଜୀବୀ ଓ କ୍ରୀଡ଼ାପ୍ରେମୀ ଙ୍କ ମଧ୍ୟରେ ପ୍ରଶଂସା କରା ଯାଉଛି ।

# ଭକ୍ତିମୟ ପରିବେଶରେ ଶିବ ପାର୍ବତୀ ବିବାହ ସମ୍ପର୍ଣ୍ଣ



**ଆଠମଲ୍ଲିକ,୨୧।୬:** ଚଳିତ ବର୍ଷ ଶୀତଳ ଷଷ୍ଠୀ ପର୍ବ ପାଳନ ଅବସରରେ ସ୍ଥକ୍ଷନୀୟ ୯ ନମ୍ବର ୱାର୍ଡ ରାମେଶ୍ୱରପାଟଣା ବାବା ରାମେଶ୍ୱର ଙ୍କ ମନ୍ଦିର ପ୍ରାଙ୍ଗଣରେ ଆଧାତ୍ମିକ ପରିବେଶ ମଧ୍ୟରେ ମହାଦେବ ଓ ମା ପାର୍ବତୀ ଙ୍କ ଶୁଭ ବିବାହ ଅନୁଷ୍ଠିତ ହୋଇଯାଇଛି । ମହାଦେବ ଙ୍କ ପିତା ଭାବରେ ଶ୍ରୀକାନ୍ତ ମିଶ୍ର, ମାତା ଭାବରେ ବିଳାସିନୀ ଦେବୀ । ସେହିପରି ମା ପାର୍ବତୀ ଙ୍କ ପିତା ଭାବରେ ଉମେଶ କୁମାର ଅଗ୍ରୱାଲ ଓ ମାତା ଭାବରେ ବବିତା ଅଗ୍ରୱାଲ ଦାୟିତ୍ୱ ତୁଲାଇ ଛନ୍ତି । ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ ଓ ଚିତ୍ତରଞ୍ଜନ ପାଣିଗ୍ରାହୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ପ୍ରଭୁଙ୍କର ଏହି ବିବାହ ଉତ୍ସବ ଦେଖିବା ପାଇଁ ମନ୍ଦିର ରେ ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା ଭକ୍ତିମୟ, ଶାନ୍ତ ପରିବେଶ ମଧ୍ୟରେ ହୋମ ଯଜ୍ଞ ଓ ସମସ୍ତ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ବିଭିନ୍ନ ସ୍ଥନରୁ ସଂକୀର୍ତ୍ତନ ମଣ୍ଡଳୀ ନିଜନିଜ ଦଳ ସହିତ ନାମ କୀର୍ତନ କରିଥିଲେ। ଶେଷରେ ହରିହକ୍ଷଟରେ ଭକ୍ତ ମକ୍ଷନେ ପ୍ରସାଦ ସେବନ କରି ଘରକୁ ଯାଇଥିଲେ କ୍ଷଶୀତଳଷଷ୍ଠୀ ପୂଜା କମିଟି ର ସଭାପତି ଅଶ୍ୱିନୀ ଆଚାର୍ଯ୍ୟ, ସମ୍ପାଦକ ତ୍ରିଜୀବ ତ୍ରିପାଠୀ, କୋଷାଧକ୍ଷ ହରେକୃଷ୍ଣ ଡାଙ୍ଗ, ସଭ୍ୟ ଦମ୍ବରୁଦଧର ପ୍ରଧାନ,ଦେବହରି ବାହୁକ,ଅମୀୟ ଦାଶ, ରମାକାନ୍ତ ଚାନ୍ଦ, ଜ୍ୟୋତିପ୍ରକାଶ ମିଶ୍ର, ମନୋରଞ୍ଜନ ରଣା, ନରହରି ବାହୁକ,ଙ୍କ ସମେତ ରାମେଶ୍ୱର ପାଟଣା ଗ୍ରାମବାସୀ ଓ ଅଞ୍ଚଳ ର ଇଶ୍ୱର ପ୍ରେମୀ ଭକ୍ତ ମକ୍ଷନେ ସମସ୍ତ କାର୍ଯ୍ୟ ରେ ସହଯୋଗ କରିଥିବା ପାରିଲିକ୍ଷିତ ହୋଇଥିଲା ।

# ବିଶ୍ୱ ଯୋଗ ଦିବସ ପାଳିତ



**ରାୟଗଡ଼ା, ୨୧।୬ :** ଏହି ଯୋଗ ଦିବସରେ ମୂଖ୍ୟ ଅତିଥୀ ଭାବେ ହରିନାରାୟଣ ରଥ ଉପସ୍ଥିତ ରହି ଦୀପ ପ୍ରଜ୍ୱୋଳନ କରି କାର୍ଯ୍ୟ କ୍ରମ ଶୁଭାରମ୍ଭ ହୋଇଥିଲା । ଏହି ଯୋଗ ଦିବସ ରାୟଗଡ଼ା ଇନ୍ଦିରା ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପଡ଼ିଆ ଅଧିଷ୍ଠ ହୋଇଥିଲା । ଏହି ଯୋଗ ଦିବସରେ ଶତାଧିକ ଲୋକ ଅଂଶ ଗ୍ରହଣ କରି ଯୋଗ, ପ୍ରାଣାୟଣ ଓ ଧାନ ଆଦି ଅଭ୍ୟାଶ କରିଥିଲେ । ଏହି ଶିବିର ପତଞ୍ଜଳି ପରିବାର ଓ ଭେଟେରାନ ସୋଲଜର୍ସା ଆସୋସିଏନ୍ ରାୟଗଡ଼ା ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ସଞ୍ଚାଳିତ ହେଇଥିଲା । ଏହି ଶିବିରକୁ ପତଞ୍ଜଳି ର ମୂଖ୍ୟ ଆଚାର୍ଯ୍ୟ ଡକ୍ଟର ରାଜେଶ ଜୀ ପରିଚାଳନା କରିଥିଲେ । ଏହି ଶିବିରାର୍ଥିଙ୍କୁ ଯୋଗର ମହତ୍ତ୍ୱ ଏବଂ ବର୍ତ୍ତମାନ ଆଧୁନିକ ସମୟ ରେ ଯୋଗ ହିଁ ବାସ୍ତବିକ ସମୟରେ ଯୋଗ ହିଁ ବାସ୍ତବିକ ପରମ ଔଷଧି ଅଟେ । ଯୋଗ ଦ୍ୱାରା କେବଳ ଶରୀର ହିଁ ନୁହେଁ ମନ ତଥା ଆତ୍ମାର ସର୍ବାଙ୍ଗିନ ଉନ୍ନତି ହୋଇଥାଏ । ଯୋଗ କେବଳ ଗୋଟିଏ ଦିନରେ ବିଷୟ ନୁହେଁ , ଯୋଗ ହେଉଛି ସମ୍ପୂର୍ଣ୍ଣ ଜୀବଣ ବଞ୍ଚିବାର କଳା ଅଟେ । ଏହି ଶିବିରଟି ସଂକଳ୍ପ ଓ ଶାନ୍ତି ପାଠ ସମାପ୍ତ ହୋଇଥିଲା।

# କୃଷକ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ



**ଆଠମଲ୍ଲିକ,୨୧।୬:** କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭା ଗୃହ ରେ ବ୍ଲକ ସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଚକ୍ର ରେ ଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ, ଆତ୍ମା ର ଅଧକ୍ଷ ଚୌଧୁରୀ ଚରଣ ସାଏ, ଏ ବିଡ଼ିଓ ପଞ୍ଚାନନ ବେହେରା, ବିଧାୟକ ଙ୍କ ପ୍ରତିନିଧି ମହେଶ୍ୱର ଦେହୁରୀ,କୃଷକ ଚୈତନ୍ୟ ସାହୁ ପ୍ରମୁଖ ମଂଚାସୀନ ଥିଲେ । ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରା ଯାଇ ଆଲୋଚନା ଚକ୍ର କୁ ଉଦଘାଟନ କରା ଯାଇଥିଲା । ବ୍ଲକ କୃଷି ଅଧିକାରୀ ଶ୍ରୀ ବାରିକ କାର୍ଯ୍ୟକ୍ରମ ବାବଦ ରେ ପ୍ରାରମ୍ଭିକ ସୂଚନା ଦେବା ସହିତ ମାନବ ସମାଜ ର ହିତ ପାଇଁ ଜୈବିକ ସାର କୁ ବ୍ୟବହାର କରିବାକୁ କୃଷକ ମାନଙ୍କୁ ପରାମର୍ଶ ଦେଇଥିଲେ । ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଡ଼ଃ ବିଛିନ୍ନାମୈତ୍ରୀ ରାଉତ, ମତ୍ସ୍ୟବିଭାଗ ଅଧିକାରୀ ଅସ୍ମିତା ମୁର୍ମୁ ଓ ବ୍ଲକ ପଶୁ ସମ୍ପଦ ଅଧିକାରୀ ସରିତା ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗ ର ସରକାରୀ ଯୋଜନା ଉପରେ ଆଲୋକପାତ କରି ଫାଇଦା ନେବାକୁ ମହିଳା ଓ ପୁରୁଷ କୃଷକ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବହୁ କୃଷକ, ସମିତି ମେମ୍ବର, ମହିଳା ଚାଷୀ ଉପସ୍ଥିତ ଥିଲେ । ଭି ଏ ଡବ୍ଲୁ ସୁଶାନ୍ତ ତରାଇ ମଞ୍ଚ ପରିଚାଳନା କରିଥିଲେ। ଭି ଏ ଡବ୍ଲୁ ପଞ୍ଚାନନ ପ୍ରଧାନ, ପଦ୍ମିନୀ ଷଡ଼ଙ୍ଗୀ ଙ୍କ ସମେତ ସମସ୍ତ କୃଷି ବିଭାଗ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ କ୍ଷ ଶେଷ ରେ ବ୍ଲକ କୃଷି ଅଧିକାରୀ ଶ୍ରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ପ୍ରତିଭା ସମ୍ମାନ ଉତ୍ସବ,୧୪୮ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ଶେରଗଡ,୨୧।୬ :** ଶେରଗଡ ବ୍ଲକ ଅନ୍ତର୍ଗତ ଧନନ୍ତର ପଞ୍ଚାୟତ ସୁନାନ୍ତର ଗ୍ରାମରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଆସିକା ଅଞ୍ଚଳ ପରିଷଦ ପକ୍ଷରୁ ଏକ ଭବ୍ୟ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସିକା ଆଞ୍ଚଳିକ ପରିଷଦ ର ସଭାପତି ନବକୃଷ୍ଣ ବିଷୋୟୀ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଗୌରବମୟ ସମାରୋହରେ ପଭୁଙ୍କ ପ୍ରାର୍ଥନା କାର୍ଯ୍ୟ କରାଯାଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୂଖ୍ୟ ଅତିଥି ଭାବେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ର କେନ୍ଦ୍ର ପରିଷଦର ସଭାପତି ସନ୍ତୋଷ କୁମାର ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ନିରଞ୍ଜନ ଜେନା (କାଳିଆ),ବିଶିଷ୍ଟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇଥିଲେ। ଏଥି ସହ ମଞ୍ଚରେ ସମାଜର ସମ୍ପାଦକ ନିଳାଞ୍ଚଳ ପୋଲାଇ,ମୂଖ୍ୟ ସଙ୍ଗଠକ ସତ୍ୟ ନାରାୟଣ ସ୍ୱାଇଁ,କଇଣ୍ଡି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା,ବେତାର ସିଂ ଅଞ୍ଚଳ ସଭାପତି ଗୌର ଚରଣ ପ୍ରଧାନ, ବେତାର ସିଂ ଅଞ୍ଚଳ ଉପସଭାପତି ଗଙ୍ଗାଧର ବିଷୋୟୀ, ବେତାର ସିଂ ଅଞ୍ଚଳ ସମ୍ପାଦକ ଅମ୍ବିକା ପ୍ରସାଦ ବିଷୋୟୀ, ଖେମୁଣ୍ଡି ଅଞ୍ଚଳ ସଭାପତି ରାମନାଥ ବିଷୋୟୀ, ଆସିକା ଅଞ୍ଚଳ ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୂଖ୍ୟ ଅତିଥି ସନ୍ତୋଷ କୁମାର ଜେନା ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ଯେ,ଆମ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ର ଇତିହାସ କେବଳ ସଂଘର୍ଷ ର ଇତିହାସ ନୁହେଁ, ବରଂ ଏହା ବୀରତ୍ୱ,ସ୍ୱାଭିମାନ, କୃଷି ଓ ଓଡିଶାର ମାଟି ମାତୃକା ର ସେବା ସହ ଜଡିତ ଏକ ଗୌରବମୟ ଇତିହାସ। ସମୟ ସହ ସମାଜ ର ଆବଶ୍ୟକତା ବଦଳୁଥିବାରୁ ଆମ ପିଲାମାନେ ଶିକ୍ଷା କ୍ଷେତ୍ରରେ କିଭଳି ଆଗକୁ ବଢିବେ,ସେଥିଲାଗି ମିଳିତ ପ୍ରୟାସ ର ଆବଶ୍ୟକତା ରହିଛି। ପ୍ରତିଭାବାନ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସମାଜ ର ପ୍ରଥମ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ପ୍ରକାଶ କରିଥିଲେ ଯେ,କାଳଞ୍ଜି ମାନଙ୍କ ରକ୍ତ ଏକ ସଂଗ୍ରାମୀ ରକ୍ତ ଏବଂ ସେମାନଙ୍କ ଇତିହାସ ନିଆରା। ଏହି ଅବସରରେ ସେ ଉପସ୍ଥିତ ଛାତ୍ରଛାତ୍ରୀ ଙ୍କୁ ଆଗକୁ ବଢିବା ଲାଗି ପ୍ରେରଣା ଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଆସିକା ଅଞ୍ଚଳ ପରିଷଦ ର ବିଭିନ୍ନ ଅଞ୍ଚଳ ରୁ ସମାଜ ୨ ଶହ ରୁ ଉର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିବା ବେଳେ ପ୍ରଥମେ ସମାଜ ତରଫରୁ ଅତିଥି ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ମେଧାବୀ ପ୍ରତିଭା ଙ୍କୁ ଉପଢୌକନ, ମାନପତ୍ର, ଟ୍ରଫି,ଡିକ୍ସନାରୀ ଓ ଉପହାର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏଥିରେ ଦଶମ ଶ୍ରେଣୀରେ ୬୦ ପ୍ରତିଶତ ରୁ ଅଧିକ ନମ୍ବର ରଖିଥିବା ୯୨ ଜଣ ଏବଂ ଉଚ୍ଚ ମାଧ୍ୟମିକ ରେ ୬୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୪୮ ଜଣ ଙ୍କୁ ମିଶାଇ ମୋଟ ୧୪୧ ଜଣ ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସୁନାନ୍ତର ଗ୍ରାମର ସଭ୍ୟ ମକରା ସ୍ୱାଇଁ, ଜଟିଆ ପୋଲାଇ, ତାରିଣୀ ସ୍ୱାଇଁ ଏବଂ ଶେରଗଡ ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ ସୂଚାରୁରୂପେ ପରିଚାଳନା କରିଥିବା ବେଳେ ଶେଷରେ ଆସିକା ଆଞ୍ଚଳିକ ପରିଷଦର ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକାଦାର ସଂଘର ବଡ଼ ନିଷ୍ପତ୍ତି; ସମସ୍ତ ଟେଣ୍ଡର ସେଡ୍ୟୁଲ୍ ରେଟ୍‌ରେ



**ପୁରୁଷୋତ୍ତମପୁର,୨୧।୬:** ପୁରୁଷୋତ୍ତମପୁର ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ରବିବାର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଠିକାଦାର ଜି. ଗୋପାଳ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅଞ୍ଚଳର ବହୁ ସଂଖ୍ୟକ ଠିକାଦାର ଉପସ୍ଥିତ ରହି ସଂଘର ସଂଗଠନ ଓ ଆଗାମୀ କାର୍ଯ୍ୟଦିଗ ନେଇ ଆଲୋଚନା କରିଥିଲେ। ବୈଠକର ପ୍ରମୁଖ ଆକର୍ଷଣ ଥିଲା ସଂଘର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ। ସର୍ବସମ୍ମତିକ୍ରମେ କିଶୋର କୁମାର ସାସମଲଙ୍କୁ ସଭାପତି, ରବୀନ୍ଦ୍ର ବେହେରାଙ୍କୁ ଉପସଭାପତି, ଆଶିଷ କୁମାର ମହାପାତ୍ରଙ୍କୁ ସମ୍ପାଦକ, ଦେବାଶିଷ ମହାପାତ୍ରଙ୍କୁ ଯୁଗ୍ମ ସମ୍ପାଦକ ଏବଂ କେ. ପ୍ରତାପ ମହାପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ନବନିର୍ବାଚିତ ପଦାଧିକାରୀମାନେ ସଂଘର ସମସ୍ତ ସଦସ୍ୟଙ୍କ ଆସ୍ଥା ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇ ସଂଘର ସ୍ୱାର୍ଥ ସୁରକ୍ଷା ପାଇଁ ନିଷ୍ଠାର ସହ କାମ କରିବେ ବୋଲି କହିଥିଲେ। ଏହା ସହିତ ବୈଠକରେ ଉପସ୍ଥିତ ସମସ୍ତ ଠିକାଦାର ସର୍ବସମ୍ମତିକ୍ରମେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ ଯେ, ଆଗାମୀ ଦିନରେ ଯେକୌଣସି ସରକାରୀ ଟେଣ୍ଡରରେ ସମସ୍ତ ଠିକାଦାର ସେଡ୍ୟୁଲ୍ ରେଟ୍ ଅନୁଯାୟୀ ହିଁ ଟେଣ୍ଡର ପକାଇବେ। ଅର୍ଥାତ୍, ସରକାର ନିର୍ଦ୍ଧାରିତ ମୂଲ୍ୟସୂଚୀକୁ ଆଧାର କରି କାମ ପାଇଁ ଦର ନିର୍ଣ୍ଣୟ କରାଯିବ, ଯାହା ଦ୍ୱାରା ଅସ୍ୱାଭାବିକ ଭାବେ କମ୍ କିମ୍ବା ଅଧିକ ଦର ଦେଇ ଅନୈତିକ ପ୍ରତିସ୍ପର୍ଦ୍ଧାକୁ ରୋକାଯାଇପାରିବ। ସଦସ୍ୟମାନେ ମତ ପ୍ରକାଶ କରିଥିଲେ ଯେ, ସରକାରୀ ନିୟମାବଳୀ ଅନୁଯାୟୀ ଖୋଲା ଓ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ବ୍ୟତୀତ କୌଣସି କାର୍ଯ୍ୟ ବଣ୍ଟନ ହେବା ଉଚିତ ନୁହେଁ। ଯଦି ଟେଣ୍ଡର ପ୍ରକ୍ରିୟାକୁ ଅବହେଳା କରାଯାଏ, ତେବେ ଏହା ସ୍ୱଚ୍ଛତା ଓ ନ୍ୟାୟସଙ୍ଗତ ପ୍ରତିଯୋଗିତାକୁ କ୍ଷୁଣ୍ଣ କରିବା ସହ ଦକ୍ଷ ଓ ଯୋଗ୍ୟ ଠିକାଦାରମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ। ସଂଘ ପକ୍ଷରୁ କୁହାଯାଇଥିଲା ଯେ, ସମସ୍ତ ଉନ୍ନୟନ କାମ ଯଦି ନିୟମିତ ଟେଣ୍ଡର ମାଧ୍ୟମରେ କରାଯାଏ, ତେବେ କେବଳ ସମାନ ସୁଯୋଗ ନୁହେଁ, ବରଂ ସରକାରୀ ଅର୍ଥର ସଠିକ ବ୍ୟବହାର ମଧ୍ୟ ସୁନିଶ୍ଚିତ ହେବ। ପ୍ରତିସ୍ପର୍ଦ୍ଧାମୂଳକ ଟେଣ୍ଡର ପ୍ରଣାଳୀ ଫଳରେ ଭଲ ମାନର କାର୍ଯ୍ୟ ସ୍ୱଳ୍ପ ବ୍ୟୟରେ ସମ୍ପାଦିତ ହେବା ସମ୍ଭବ ବୋଲି ସଦସ୍ୟମାନେ ମତ ଦେଇଥିଲେ। ସଂଘ ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି ଯେ, ବିନା ଟେଣ୍ଡରରେ କୌଣସି କାର୍ଯ୍ୟ ଆବଣ୍ଟନ ନକରି ସରକାରଙ୍କ ସମସ୍ତ ନିୟମ ଓ ସ୍ୱଚ୍ଛତା ନୀତିକୁ ପାଳନ କରି ଉନ୍ମୁକ୍ତ ଟେଣ୍ଡର ପ୍ରକ୍ରିୟାରେ କାମ ବଣ୍ଟନ କରାଯାଉ। ଏହା ମାଧ୍ୟମରେ ଦୁର୍ନୀତି, ପକ୍ଷପାତିତ୍ୱ ଓ ଅନିୟମିତତାକୁ ରୋକାଯାଇପାରିବ ବୋଲି ସଂଘ ଆଶା ବ୍ୟକ୍ତ କରିଛି।

# ଶେରଗଡରେ ଆନ୍ତର୍ଜାତିକ ଯୋଗ ଦିବସ



**ଶେରଗଡ,୨୧।୬ :** ମାନସିକ ଓ ଶାରୀରିକ ସୁସ୍ଥତା ଲାଗି ଯୋଗର ମହତ୍ତ୍ୱ ରହିଛି। ଆଜିର ବ୍ୟସ୍ତ ବହୁଳ ଜୀବନରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ଖୋଜୁଥିବା ବ୍ୟକ୍ତି ବିଶେଷ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରୀ ହୋଇ ପଡିଛି। ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ଲାଗି ଯୋଗ ଜରୁରୀ। ଏଥିଲାଗି ସକାଳ ହେଲେ ଦୈନନ୍ଦିନ ଜୀବନ ରେ ଆପଣାଇବା ଆବଶ୍ୟକ। ବୟସ୍କ ଙ୍କ ଠାରୁ ନେଇ ଯୁବକ ଓ ଯୁବତୀ ମାନେ ଯୋଗାଭ୍ୟାସ କରୁଛନ୍ତି। ହେଲେ ସମୟ ବଦଳିଛି, ଯୋଗ କେବଳ ମନକୁ ଓ ଶରୀର କୁ ଶାନ୍ତ କରିବା ନୁହେଁ, ଭବିଷ୍ୟତ ଗଢିବାର ଏକ ମାଧ୍ୟମ ପାଲଟିଛି, ଯାହାର ଏକ ନିଛକ ମାଧ୍ୟମ ପାଲଟିଛନ୍ତି କରୁଣାକର ବାଡତ୍ୟା ଓ ପାର୍ଥ ସାରଥୀ ସ୍ୱାଇଁ। ଏହି ଯୋଗଗୁରୁଙ୍କ ନିକଟରେ ବହୁ ପୁରୁଷ, ମହିଳା ଓ କମ ବୟସର ପିଲା ଯୋଗ ଶିକ୍ଷା ନେଉଛନ୍ତି। ମାନସିକ ଅବସାଦ ରେ ଥିବା ବ୍ୟକ୍ତି ଯୋଗ ଶିକ୍ଷା କଲେ ସୁସ୍ଥ ହୋଇ ପାରିବେ। ଅସହାୟ ଓ ଆର୍ଥିକ ସ୍ତରରେ ଅନଗ୍ରସର ଲୋକ ଙ୍କୁ ସେ ମାଗଣାରେ ଯୋଗ ଶିକ୍ଷା ଦେଉଛନ୍ତି। ଏନେଇ ଉଭୟ ଯୋଗଗୁରୁ ପ୍ରକାଶ କରିଛନ୍ତି, ରୋଗର ଏକମାତ୍ର ଚିକିତ୍ସା ହେଉଛି ନିୟମିତ ଯୋଗ। ରାଜ୍ୟ ସରକାର ଯୋଗ କୁ କ୍ରୀଡା ରେ ସାମିଲ କରିଥିବା ରୁ ସେ ଯୋଗ କୁ କ୍ୟାରିୟର କରିବାକୁ ସୁଯୋଗ ରହିଥିବା ପ୍ରକାଶ କରିଥିଲେ। ଶେରଗଡ ବ୍ଲକ ପରିସରରେ ଆଜି ଅନୁଷ୍ଠିତ ଯୋଗ ଶିବିରରେ ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା, ଜିପିଓ ଜିତେନ୍ଦ୍ର କେଶରୀ ପଟ୍ଟନାୟକ, ପାନୀୟ ଜଳ ପରିମଳ ବିଭାଗ ର ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ,ସିଡିପିଓ ମମତାଞ୍ଜଳି ପଣ୍ଡା, ବହୁ ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଚୋରା ଗୋ ଚାଲାଣ ଧରିଲା କସିଆ ପୋଲିସ

**ବାସୁଦେବପୁର,୨୧।୬ :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡ଼ାମଣି ଆଡିଆ ରେ ଏକ ପିକଅପ ଭ୍ୟାନ୍ ରେ ୧୧ଟି ଗୋ ବଂଶ ମାନଙ୍କୁ ଅତି ନିର୍ମମ ଅମାନୁଷିକ ଭାବରେ ଗୋଡ଼ ମୁହଁ କୁ ବାନ୍ଧି ରାତିରେ ଚୋରା ଚାଲାଣ କରୁଥିବା ସମୟରେ ପୋଲିସ ହାତରେ ଧରା ପଡ଼ିଥିଲା। ସୂଚନା ଅନୁଯାୟୀ ଗୋ ସେବକଙ୍କ ଠାରୁ ଖବର ପାଇ କସିଆ ସାମୁଦ୍ରିକ ପୋଲିସ, ଚୁଡ଼ାମଣି ସାମୁଦ୍ରିକ ପୋଲିସ ଏବଂ ଗୋସେବକ, ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ମିଳିତ ଭାବରେ ଚଢ଼ାଉ କରାଯାଇଥିଲା। ଶେଷରେ ଗୋ ବଂଶ ବୋଝେଇ ପିକଅପ ଭ୍ୟାନ୍ ଯାହାର ଗାଡ଼ି ନମ୍ବର ଓଡି ୦୧ ଏ ୬୮୮୬ ରେ ଅତି ଅମାନୁଷିକ ଭାବରେ ବାନ୍ଧି ନେଉଥିବା



ସମୟରେ କସିଆ ସାମୁଦ୍ରିକ ପୋଲିସ ଗାଡ଼ିକୁ ଗୋଡ଼ାଇ ଥିଲେ ଏବଂ ଅଟକାଇ ଥିଲେ। ଏହି ସମୟରେ ଉକ୍ତ ଗୋ ବଂଶ ବୋଝେଇ ପିକଅପ ଭ୍ୟାନ୍ ର ଡ୍ରାଇଭର ଏବଂ ତାଙ୍କ ସହଯୋଗୀ ଗାଡ଼ି ରାସ୍ତା ଉପରେ ଛାଡି ଖସିଯାଇଥିଲେ। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଗୋ ବଂଶ ବୋଝେଇ ଗାଡ଼ିକୁ ଜବତ୍ କରି ଚାନ୍ଦିମାଳ ସ୍ଥିତ ବିଭାନ ଗଙ୍ଗାଧର ଗୋଶାଳା କୁ ନେଇଥିଲେ। ସେଠାରେ ଗାଡିରୁ ଗୋ ବଂଶ ମାନଙ୍କୁ ଗୋ ସେବକ ମାନଙ୍କ ସାହାଯ୍ୟରେ ବାହାର କରାଯାଇଥିଲା। ଅତି ଅମାନୁଷିକ ଭାବରେ ବାନ୍ଧି ଥିବା କାରଣରୁ ଗୋଟିଏ ଗୋ ବଂଶ ମୃତ୍ୟୁ ବରଣ କରିଥିଲେ। ମୃତ ଶରୀରକୁ ଗୋ ସେବକ ମାନେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଚୁଡ଼ାମଣି ସାମୁଦ୍ରିକ ଥାନା ପକ୍ଷରୁ କେଶ୍ ନମ୍ବର ୭୧/୨୬ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର

# ଭଙ୍ଗା ଘରେ ବୃଦ୍ଧ ଦମ୍ପତିଙ୍କ ସଂଘର୍ଷମୟ ଜୀବନ

**କୋରାପୁଟ,୨୧।୬ :** ବିକଶିତ ଓଡ଼ିଶାର ସ୍ୱପ୍ନ ଓ ବିକାଶର ବଡ଼ ବଡ଼ ଦାବି ମଧ୍ୟରେ ଆଜି ବି କିଛି ପରିବାର ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକର ପାଖଝୋଲା ଗ୍ରାମର ବୃଦ୍ଧ ଦମ୍ପତି ରାଧିକା ନାୟକ ଓ ତାଙ୍କ ସ୍ୱାମୀଙ୍କ ଜୀବନ ସେହି କଠିନ ବାସ୍ତବତାର ଏକ ଜ୍ୱଳନ୍ତ ଉଦାହରଣ। ଦାରିଦ୍ର୍ୟ ସହ ସଂଘର୍ଷ କରୁଥିବା ଏହି ଦମ୍ପତିଙ୍କ ପାଇଁ ଏକ ଜରାଜୀର୍ଣ୍ଣ କାଦୁଅ ଘର ହିଁ ଏକମାତ୍ର ଆଶ୍ରୟସ୍ଥଳ। ଘରର ଛାତ ଓ କାନ୍ଥ ଭାଙ୍ଗି ଯାଇଛି ଯେ, ଦିନବେଳେ ଘର ଭିତରୁ ସୂର୍ଯ୍ୟ ଓ ଆକାଶ ସ୍ପଷ୍ଟ ଦେଖାଯାଏ। ରାତି ହେଲେ ଚନ୍ଦ୍ର ଓ ତାରା ମଧ୍ୟ ଘର ଭିତରୁ



ଦୃଶ୍ୟମାନ ହୁଏ। ବର୍ଷା ଋତୁ ଆସିଲେ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଏ। ଛାତରୁ ପାଣି ଗଳି ଘର ଭିତରେ ଜମିଯାଏ। ଯେକୌଣସି ସମୟରେ କାନ୍ଥ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଥିବା ବେଳେ ସାପ, ବେଙ୍ଗ ଭଳି ପ୍ରାଣୀ ଘର ଭିତରକୁ ପସି ଆସିବାର ଭୟ ମଧ୍ୟ ଲାଗି ରହିଛି। ଅଭିଯୋଗ ଅନୁଯାୟୀ, ଦୀର୍ଘ ୧୫ ବର୍ଷ ଧରି ସେମାନେ ସରକାରୀ ଆବାସ ଯୋଜନାରେ ଘର ପାଇଁ ଆବେଦନ କରି ଆସୁଛନ୍ତି। ବାରମ୍ବାର ୱାର୍ଡ ସଭ୍ୟ, ସରପଞ୍ଚ, ପଞ୍ଚାୟତ କର୍ମଚାରୀ ଓ ବ୍ଲକ ପ୍ରଶାସନଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କୁ ଘର ମିଳିନାହିଁ। ଏହି ଘଟଣା ପୁଣିଥରେ ସରକାରୀ ଯୋଜନାର ବାସ୍ତବ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ବିକାଶର ଚିତ୍ର ମଧ୍ୟରେ ରାଧିକା ନାୟକଙ୍କ ଭଳି ଅସହାୟ ପରିବାରମାନେ କେବେ ସରକାରୀ ସହାୟତା ପାଇବେ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏବେ ଦେଖିବାକୁ ବାକି ରହିଲା, ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ଓ ଜନପ୍ରତିନିଧିମାନେ ଏହି ବୃଦ୍ଧ ଦମ୍ପତିଙ୍କ ଦୁଃଖ ଦୂର କରିବା ଦିଗରେ କେତେ ଶୀଘ୍ର ପଦକ୍ଷେପ ନେଉଛନ୍ତି।

# କୋଦଳା ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ଯୋଗ ଦିବସ



**ବେଗୁନିଆପଡା, ୨୧।୬ :** ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ କୋଦଳା ବିଜ୍ଞପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ଠାରେ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋଦଳା ର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ବିଭିନ୍ନ ପ୍ରକାର ସଙ୍ଘ ର ସଭ୍ୟ ସଭ୍ୟା , ବରିଷ୍ଠ ନାଗରିକ ମଞ୍ଚ ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘ ର କର୍ମକର୍ତ୍ତା ଯୋଗଦେଇଥିଲେ, ଏଥିରେ ଶ୍ରୀ ଚିତ୍ରସେନ ଗୋଛାୟତ ଏବଂ ଶ୍ରୀ ଓମକାର ମୁଦୁଲି ଯୋଗ ଗୁରୁ ପ୍ରଶିକ୍ଷିକ ଭାବେ ଯୋଗ ଦେଇ ଶିକ୍ଷା ପ୍ରଦାନ କରିଥିଲେ। କର୍ଯ୍ୟକ୍ରମ କୁ ନୋଡାଲ ଅଫିସର ଯୋତିନ୍ଦ୍ର କୁମାର ତ୍ରିପାଠୀ ସଂଯୋଜନା କରି ଶରୀର ପ୍ରତି ଯୋଗ ର ଆବଶ୍ୟକତା ଉପରେ ଆଲୋକପାତ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ତଥା ମଣ୍ଡଳ ସଭାପତି ସନ୍ତୋଷ ପଲେଇ ୦୮ ନଂ ୱାର୍ଡ଼ ସଭ୍ୟ ମଧୁସୂଦନ ଜେନା, ୦୩ ନଂ ୱାର୍ଡ଼ ପ୍ରତିନିଧୀ ତଥା ଯୁବ ସଂଘଟକ ଅଚ୍ୟୁତ ସାହୁ ଏବଂ କାର୍ଯ୍ୟାଳୟ ର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଜେନା, ପ୍ରଦୀପ ଶତପଥୀ, ଚନ୍ଦ୍ର ମାରାଣ୍ଡି, ରାଜୁ ମିଶ୍ର, ରାମକୃଷ୍ଣ ପଟ୍ଟନାୟକ, ନିବେଦିତା ରଥ, ବିଶ୍ୱଜିତ୍ ବରାଡ, ପବିତ୍ର ବେହେରା, ସ୍ମୃତି ନାୟକ ତଥା ସମସ୍ତ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜାର ଉପସ୍ଥିତ ରହି କର୍ଯ୍ୟକ୍ରମ କୁ ସଫଳ ରୂପାୟନ ଦେଇଥିଲେ।

# ପାଳିତ ହେଲା ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬

**ବାଲେଶ୍ୱର,୨୧।୬ :** ବାଲେଶ୍ୱର ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ଯୋଗ ମହୋତ୍ସବ ସମିତିର ମିଳିତ ସହଯୋଗରେ ରବିବାର ଆଇ.ଟି.ଆଇ. ଛକ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ "ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ, ନିୟମିତ ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ"କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଯୋଗପ୍ରେମୀ, ଛାତ୍ରଛାତ୍ରୀ, ସମାଜସେବୀ ଓ ସାଧାରଣ ଜନତା ସାମୂହିକ ଯୋଗାଭ୍ୟାସରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସଦର ବିଧାୟକ ମାନସ କୁମାର ଦତ୍ତ ସମ୍ମାନିତ ଅତିଥି, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବିଶିଷ୍ଟ ଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର



ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଅତିଥିମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା, ଶାରୀରିକ ସୁସ୍ଥତା ଓ ମାନସିକ ସନ୍ତୁଳନ ବଜାୟ ରଖିବାରେ ଏହାର ଭୂମିକା ଉପରେ ମତ ରଖିଥିଲେ। ପରେ ଯୋଗ ମହୋତ୍ସବ ସେବା ସମିତିର ବରିଷ୍ଠ ଯୋଗ ଗୁରୁମାନଙ୍କ ନେତୃତ୍ୱରେ ସାମୂହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା।

## ଯୋଜନାର ନାମ ହରିଲୁଟ

# ୨୦ ଲକ୍ଷ ବ୍ୟୟରେ ଅମୃତ ସୋରବର କାହା ସ୍ୱାର୍ଥରେ


**ଦିଗପହଣ୍ଡି,୨୧।୬ :** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ପଂଚାୟତ ଦାଉଣି ଗ୍ରାମ ବିଶୋଇ ର ଏକ ଭଗକୁ ମନରେଗା ଯୋଜନାରେ ଯାହାର କାର୍ଯ୍ୟ କୋର୍ଡ ନଂ ଥିଲା ୨୪୧୨୯/WE/୧୦୬୧୦ ୫୬୪ ଆର୍ଥିକ ବର୍ଷ ୨୦୨୩/୨୦୨୪ ରେ ସମୁଦାୟ ୨୦ ଲକ୍ଷ ଟଙ୍କା ବ୍ୟୟ ବାରଦରେ ଅମୃତ ସୋରବର ଖନନ ହଇଥିଲା କିନ୍ତୁ ୨ରୁ ୩ ବର୍ଷ ଭିତରେ ଘଞ୍ଚ ଲଟା ବୁଦା ହେବା ସହ ମାଟି ପୋତି ହୋଇ ଅସ୍ତିତ୍ୱ ହରାଇଲାଣି



। ବଡ ଆଶ୍ଚର୍ଯ୍ୟର କଥା ପୋଖରୀ ନିର୍ମାଣର କିଛି ଦିନ ପରେ ସୂଚନା ଫଳକଟି ଭାଙ୍ଗିଗଲା ନା ତାକୁ ଭାଙ୍ଗି ଦିଆଯାଇଛି ତାହା ଏବେ ମଧ ପଂଚାୟତ ବାସୀଙ୍କ ମନରେ ଉଙ୍କି ମାରୁଛି । ଗୌଡ଼ଗାଁ ପଂଚାୟତର କୁଜିନେତା, ପ୍ରକ୍ସି ସରପଞ୍ଚ ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଫାଇଦା ହାସଲ ପାଇଁ ଏଭଳି କାର୍ଯ୍ୟ କରାଯାଉଛି ବୋଲି ପଂଚାୟତ ବସିଙ୍କ ମନରେ ଚର୍ଚ୍ଚା ଜୋର ଧରିଛି । ପ୍ରଶାସନିକ ସ୍ତରରେ ଏଭଳି ଅଣଦେଖା ଯୋଗୁଁ ପ୍ରକଳ୍ପ ଗୁଡିକ ଏଭଳି ନିମ୍ନ ମାନର ହୋଇ ନଷ୍ଟ ହେବାକୁ ଯାଉଛି । ଏଥିରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଟଙ୍କା ଆତ୍ମସାତ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

# ଉପାଧ୍ୟକ୍ଷା ରେଣୁକାମ୍ମା ରେଡ୍ଡୀଙ୍କୁ 'ଅଧ୍ୟକ୍ଷ-କ୍ଷମତା' ହସ୍ତାନ୍ତର କଲେ ବିଡିଓ

**ଚିକିଟୀ,୨୧।୬ :** ଗତ ମାସରେ ଚିକିଟୀ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଆପନ୍ନା ସେଠୀଙ୍କ ଅକାଳ ବିୟୋଗ ପରେ ଅଧ୍ୟକ୍ଷ ପଦ ଶୂନ୍ୟ ରହିଥିବାରୁ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଲକ୍ଷ୍ୟ



କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ର ଧାରା ୨୦ (ଖ)(୩) ଅନୁଯାୟୀ, ନୂତନ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ସମିତିର ଉପାଧ୍ୟକ୍ଷ ଅଧ୍ୟକ୍ଷଙ୍କ ସମସ୍ତ କ୍ଷମତା ପ୍ରୟୋଗ କରିବା ସହ ସମସ୍ତ କାର୍ଯ୍ୟ ନିର୍ବାହ କରିବାର ପ୍ରାବଧାନ ରହିଛି। ଏହି ଆଇନଗତ ବ୍ୟବସ୍ଥା ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଚିକିଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଶ୍ରୀ ବିବେକାନନ୍ଦ ମିଶ୍ର, ବ୍ଲକ ଉପାଧ୍ୟକ୍ଷା ଶ୍ରୀମତୀ ବି. ରେଣୁକାମ୍ମା ରେଡ୍ଡୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଧ୍ୟକ୍ଷ ପଦର ଦାୟିତ୍ୱ ଓ କ୍ଷମତା ଗ୍ରହଣ କରାଇଥିଲେ। ଏହି ଅବସରରେ ବିଡିଓ ଶ୍ରୀ ମିଶ୍ର କହିଥିଲେ ଯେ, ଚିକିଟୀର ସାମଗ୍ରିକ ବିକାଶ ଓ ଲୋକହିତକାରୀ କାର୍ଯ୍ୟକ୍ରମଗୁଡ଼ିକର ନିରନ୍ତରତା ବଜାୟ ରଖିବା ପାଇଁ ସମସ୍ତ ଜନପ୍ରତିନିଧି ଓ ଅଧିକାରୀମାନେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ସେ ଶ୍ରୀମତୀ ରେଡ୍ଡୀଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧର ସହିତ କାର୍ଯ୍ୟ ସମ୍ପାଦନ କରି ଚିକିଟୀର ବିକାଶ ଧାରାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ।ଏହି ଦାୟିତ୍ୱ ଗ୍ରହଣ ପରେ ଚିକିଟୀ ବ୍ଲକର ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ପୁନର୍ବାର ଗତିଶୀଳ ହେବ ବୋଲି ସାଧାରଣ ମହଲରେ ଆଶା ପ୍ରକାଶ ପାଇଛି।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ବେଗୁନିଆପଡା,୨୧।୬ :** ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ, କୋଦଳା ରବିବାର ଦିନ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛିକ୍ଷ ଆଜିର କାର୍ଯ୍ୟକ୍ରମ କୁ ମହାବିଦ୍ୟାଳୟ ର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନୋଦ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ଯୋଗ ପ୍ରଶିକ୍ଷିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କୋଦଳା, ଗଞ୍ଜାମ ର ବରିଷ୍ଠ ରାଜଯୋଗ ଶିକ୍ଷୟତ୍ରୀ ବ୍ରହ୍ମାକୁମାରୀ ବି କେ ସୁମିତ୍ରା ନିଜ ଅନୁଷ୍ଠାନ ର ସଦସ୍ୟ ଙ୍କ ସହ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣକର୍ମଚାରି ମାନଙ୍କୁ ପ୍ରାର୍ଥନା,ଯୋଗ, ପ୍ରାଣାୟାମ, ଧ୍ୟାନ,ଶାନ୍ତି ମନ୍ତ୍ର ଆଦି ଅଭ୍ୟାସ କରାଇବା ପରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା କ୍ଷଆଜିର କାର୍ଯ୍ୟକ୍ରମ ଫିଟ ଓଡିଶା ମିଶନ, ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଆମ ଗୌରବ ଆମ କଲେଜ ର ସହଯୋଗରେ ଅନୁଷ୍ଠିତ ହୋଇଥିଲା ।



# ରାତିଅଧିଆ ଡ୍ରେନ କାମକୁ ନେଇ ତୀବ୍ର ବିବାଦ

## ସରପଞ୍ଚ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଗ୍ରାମବାସୀଙ୍କ ଗୁରୁତର ଅଭିଯୋଗ

**ଜଗତସିଂହପୁର,୨୧।୬ :** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ବଣିତୋ ପଞ୍ଚାୟତ ର ଡଗରପଡା ଗ୍ରାମର ୧୧ ନମ୍ବର ୱାର୍ଡରେ ଚାଲିଥିବା ଜଳ ନିଷ୍କାସନ ପଥ (ଡ୍ରେନ) ନିର୍ମାଣ କାର୍ଯ୍ୟକୁ ନେଇ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଲୋକଙ୍କ ସହ କୌଣସି ଆଲୋଚନା ନ କରି ସରପଞ୍ଚଙ୍କ ପରୋକ୍ଷ ନିର୍ଦ୍ଦେଶରେ ଏକ ବାହାର ଠିକାଦାରଙ୍କ ଦ୍ୱାରା କାମ କରାଯାଉଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଡ୍ରେନ କାର୍ଯ୍ୟ ଅକ୍ଷୟ ମିଶ୍ରଙ୍କ ଘର ଠାରୁ ଶୁଣ୍ଠି ମୁହଁ ଛକ ପର୍ଯ୍ୟନ୍ତ ହେବାକୁ ଯୋଜନା ଥିବାବେଳେ, ବର୍ତ୍ତମାନ ତରବରିଆ ଭାବରେ ଗ୍ରାମର ମଝିଭାଗରୁ ଶୁଣ୍ଠି ଛକ ପର୍ଯ୍ୟନ୍ତ କାମ କରାଯାଉଛି । ଏହା ଦ୍ୱାରା ପ୍ରକୃତ ଜଳ ନିଷ୍କାସନ ସମସ୍ୟାର ସମାଧାନ ହେବ ନାହିଁ ଓ ସରକାରୀ ଅର୍ଥ ବ୍ୟର୍ଥ ହେଉଛି ବୋଲି ଅଭିଯୋଗ ଉଠିଛି । ଅନ୍ୟ ପକ୍ଷରେ, ଦିନରାତି ଭେଦ ନ ରଖି ରାତି ୧୦ଟା ପର୍ଯ୍ୟନ୍ତ କାମ କରାଯାଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଡ୍ରେନ ଖୋଳାଯିବା



ସମୟରେ ବାହାରୁଥିବା ମାଟିକୁ ରାତିରେ ବିକ୍ରି କରାଯାଉଥିବା ନେଇ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ସରକାରୀ ସମ୍ପତ୍ତିର ଅପବ୍ୟବହାରର ଗମ୍ଭୀର ଘଟଣା ହେବ । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, କାମ ଚାଲିଥିବା ବେଳେ ଗ୍ରାମକୁ ଜଳ ଯୋଗାଣ କରୁଥିବା ପାଣି ପାଇପ କ୍ଷତିଗ୍ରସ୍ତ ହୋଇଯାଇଛି। ଫଳରେ ଏହି ଖରା ଦିନରେ ଗ୍ରାମବାସୀ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ତଥାପି ଏହାର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇନଥିବାରୁ ଲୋକଙ୍କ ମଧ୍ୟରେ କ୍ଷୋଭ ବଢ଼ିଛି । ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ କୌଣସି ସ୍ପଷ୍ଟ କିମ୍ବା ସନ୍ତୋଷଜନକ ଉତ୍ତର ମିଳିନଥିବା ବେଳେ, ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଫୋନ୍ ଯୋଗେ, ଯୋଗାଯୋଗ କରା ଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିବା ଅଭିଯୋଗ ହୋଇଛି । ଏହା ଫଳରେ ପ୍ରକଳ୍ପର ସ୍ୱଚ୍ଛତା ଓ କାର୍ଯ୍ୟନିର୍ବାହକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କ ମତରେ, ସରପଞ୍ଚ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ବୁଝାମଣା ଯୋଗୁଁ ଏହି କାମ ମନମୁଖୀ ଭାବରେ କରାଯାଉଛି ଓ ସରକାରୀ ଅର୍ଥର ଖୋଲାଖୋଲି ଅପଚୟ ହେଉଛି । ତେଣୁ ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ବାଲେଶ୍ୱର ସଦରରେ ବିକାଶର ନୂଆ ଅଧ୍ୟାୟ

# ବିକାଶ କାର୍ଯ୍ୟର ହିସାବ ଦେଲେ ବିଧାୟକ ମାନସ ଦତ୍ତ

**ବାଲେଶ୍ୱର,୨୧।୬:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସମ୍ପନ୍ନ ହୋଇଥିବା ବିକାଶମୂଳକ କାର୍ଯ୍ୟର ବିସ୍ତୃତ ରିପୋର୍ଟ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦାନ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ। ସେ କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ସଦର ନିର୍ବାଚନମଣ୍ଡଳୀରେ ପ୍ରାୟ ୨,୦୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଯାହା ଏକ ଐତିହାସିକ ସଫଳତା। ବିଧାୟକ ଶ୍ରୀ ଦତ୍ତଙ୍କ ସୂଚନା ଅନୁଯାୟୀ, କେବଳ ରାସ୍ତା ନିର୍ମାଣ ପାଇଁ ୨୦୦ କୋଟି



ଟଙ୍କାରୁ ଅଧିକ ବ୍ୟୟ ହେଉଛି। ଗୁଜୁରୀବଜାର ଅଞ୍ଚଳରେ ୧୨ କୋଟି ଟଙ୍କାର ରାସ୍ତା, ସୋଲପଟା–ବାହାବଳପୁର ରାସ୍ତା ପାଇଁ ୪୩ କୋଟି ଟଙ୍କା ଏବଂ ସହର ଓ ଗ୍ରାମାଞ୍ଚଳରେ ୬୦ କୋଟିରୁ ଅଧିକ ଟଙ୍କାର ନୂତନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।ସେ କହିଛନ୍ତି, ବାଲେଶ୍ୱର ସହର ପାଇଁ ୩୦୦ କୋଟି ଟଙ୍କାର ରିଂ ରୋଡ଼ ପ୍ରକଳ୍ପ, ୩୪୦ କୋଟି ଟଙ୍କାର ଜୁଡିସିଆଲ ହବ୍, ୫୦ କୋଟି ଟଙ୍କାର ଇଡକୋ ଟାୱାର, ୧୨୨ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ ଏବଂ ୮୦ କୋଟି ଟଙ୍କାର ସହର ସୌନ୍ଦର୍ଯ୍ୟୀକରଣ ଯୋଜନା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭାବେ କାର୍ଯ୍ୟାନ୍ୱୟନ ହେଉଛି। ଉପକୂଳ ସୁରକ୍ଷା ପାଇଁ ୪୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ପ୍ରକଳ୍ପ ଚାଲିଥିବାବେଳେ ସେତୁ ନିର୍ମାଣ କ୍ଷେତ୍ରରେ ୧୬୦ କୋଟି ଟଙ୍କାରୁ ଅଧିକ ଅନୁଦାନ କାର୍ଯ୍ୟକାରୀ ହୋଇଛି। ବଳରାମଗଡ଼ି ଫିସିଂ ହାର୍ବର, ବାହାବଳପୁର ଫିଶ ଲ୍ୟାଣ୍ଡିଂ ସେଣ୍ଟର, ଚାନ୍ଦିପୁର ଓ କଷାଫଳ ବେଳାଭୂମିର ପର୍ଯ୍ୟଟନ ବିକାଶ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପାନୀୟ ଜଳ, ଡ୍ରେନେଜ୍, ମତ୍ସ୍ୟଜୀବୀଙ୍କ ଜୀବିକା, ପର୍ଯ୍ୟଟନ ଓ ସହର ଭିତ୍ତିଭୂମିର ସାମଗ୍ରିକ ବିକାଶ ଦିଗରେ ସରକାରଙ୍କ ପଦକ୍ଷେପ ବାଲେଶ୍ୱରର ଭବିଷ୍ୟତକୁ ନୂଆ ଦିଗ ଦେବ ବୋଲି ବିଧାୟକ କହିଥିଲେ।

# ବିଶ୍ୱ ମଞ୍ଚରେ କଳାହାଣ୍ଡିର ପୁଅ ଆକାଶ

## ଶୁଭେଚ୍ଛା ଜଣାଇଲେ ରାଜ୍ୟସଭା ସାଂସଦ ସୁଜିତ କୁମାର

**ଭବାନୀପାଟଣା, ୨୧।୬ :** ବିଶ୍ୱ କ୍ରୀଡ଼ା ମଞ୍ଚରେ ପୁଣି ଚମକିଲେ ଓଡ଼ିଶାର ପୁଅ। କଳାହାଣ୍ଡି ମାଟିର ଗୌରବ ଆକାଶ ରଞ୍ଜନ ମୁଣ୍ଡ।ଚଳିତ 'ୱାର୍ଲଡ ଏବିଲିଟି ସ୍ପୋର୍ଟ ଯୁଥ୍ ଗେମ୍ସ-୨୦୨୬' ରେ ଏକ ଅଭୁତପୂର୍ବ ଐତିହାସିକ ସଫଳତା ହାସଲ କରିଛନ୍ତି। ଭାରତ ପ୍ରତିନିଧିତ୍ୱ କରି ସେ ଏହି ପ୍ରତିଷ୍ଠିତ ଆନ୍ତର୍ଜାତୀୟ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସ– ଏହିପରି ତିନୋଟି ଯାକ ବର୍ଗର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି। କଳାହାଣ୍ଡିର ଏକ ଛୋଟିଆ ସ୍ଥାନରୁ





ବାହାରି ବିଶ୍ୱ ସ୍ତରରେ ଦେଶ ଓ ରାଜ୍ୟର ନାମ ରୋଶନ କରିଥିବା ଆକାଶଙ୍କର ଏହି ଅସାଧାରଣ ସଫଳତା ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ସାଂସଦ ସୁଜିତ କୁମାରଙ୍କ ଶୁଭେଚ୍ଛା ଓ ପ୍ରଶଂସା ଆକାଶଙ୍କର ଏହି ବିରଳ କୃତିତ୍ୱ ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାର ଗଭୀର ଆନନ୍ଦ ବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସାଂସଦ ନିଜ ବାର୍ତ୍ତାରେ କହିଛନ୍ତି ଯେ 'କଳାହାଣ୍ଡିର ପୁଅ ଆକାଶ ଆଜି ବିଶ୍ୱ ମଞ୍ଚରେ ଯେଉଁ ଇତିହାସ ରଚିଛନ୍ତି, ତାହା ସମଗ୍ର ଓଡ଼ିଶା ଓ ଭାରତ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ସେ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ସମସ୍ତ ପ୍ରତିବନ୍ଧକକୁ ପଛରେ ପକାଇ ଏହି ଗୌରବ ଆଣିଛନ୍ତି। ମୁଁ ତାଙ୍କର ଫାଇନାଲ୍ ମ୍ୟାଚ୍ ଗୁଡ଼ିକ ପାଇଁ ଅନେକ ଅନେକ ଶୁଭକାମନା ଜଣାଉଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati